Bhubaneswar- 4 July 2026
ଭୁବନେଶ୍ୱର- ୪ ଜୁଲାଇ ୨୦୨୬
Vol- 1 Issue - 68
ଭାଗ- ୧ ସଂଖ୍ୟା- ୬୮
www.pratishabda.com
Email : pratishabda7@gmail.com
Also Available In : YouTube

# ପ୍ରତିଶବ୍ଦ
## THE PRATISHABDA

୩୦ ଜିଲ୍ଲା ୩୧୪ ବ୍ଲକ ପାଇଁ
ସାମ୍ବାଦିକ ଆବଶ୍ୟକ
ଓଡ଼ିଶାର ଏକମାତ୍ର ଡିଜିଟାଲ ନ୍ୟୁଜ ଚ୍ୟାନେଲ
<ଯୋଗାଯୋଗ>
ପରିଚାଳକ
ପ୍ରତିଶବ୍ଦ, ଭୁବନେଶ୍ୱର
ମୋ - ୯୬୯୨୭୦୧୦୦୭

# ଓଡ଼ିଶା ହେବ 'ଗ୍ଲୋବାଲ୍ ଗ୍ରୀନ୍ ହବ୍'

## ଜାପାନୀ ସଂସ୍ଥା ସହ ଐତିହାସିକ ଚୁକ୍ତି



- ପାରାଦୀପ ଓ ଗୋପାଳପୁରରେ ହେବ ୩ ପ୍ରକଳ୍ପ
- ୬୭ ହଜାର କୋଟି ନିବେଶରେ ୭,୬୦୦ ନିଯୁକ୍ତି

**ଭୁବନେଶ୍ୱର :** ଜାପାନୀ ସଂସ୍ଥା ସହ ଐତିହାସିକ ଚୁକ୍ତି। ଗ୍ରୀନ୍ ଏନର୍ଜି କ୍ଷେତ୍ରରେ ଜାପାନୀ ବ୍ୟବସାୟୀକ ନେତୃବୃନ୍ଦଙ୍କ ସହ ସହଭାଗିତା। ରାଜ୍ୟରେ ହେବ ବ୍ୟାପକ ପୁଞ୍ଜିନିବେଶ।ଏସିଏମଇ ଓ ଆଇଆଇଏଚ କର୍ପୋରେସନ ସହିତ ଓଡ଼ିଶା ସରକାରଙ୍କ ଏମଓୟୁ ସ୍ୱାକ୍ଷରିତ। ପାରାଦୀପ ଓ ଗୋପାଳପୁରରେ ହେବ ୩ଟି ପ୍ରକଳ୍ପ। ୬୭,୦୦୦ କୋଟି ଟଙ୍କା ନିବେଶରେ ସୃଷ୍ଟି ହେବ ୭,୬୦୦ ନିଯୁକ୍ତି। ଏବେ ପ୍ରଯୁକ୍ତିବିଦ୍ୟା, ନବସୃଜନ ଓ ସବୁଜ ଅର୍ଥନୀତି ଦ୍ୱାରା ପରିଚାଳିତ ହେବ ଓଡ଼ିଶାର ଶିଳ୍ପ ଅଭିବୃଦ୍ଧିର ପରବର୍ତ୍ତୀ ଅଧ୍ୟାୟ। ଲୋକସେବା ଭବନ କନଭେନସନ୍ ସେଣ୍ଟରରେ ଆୟୋଜିତ କାର୍ଯ୍ୟକ୍ରମରେ, ଜାପାନୀ ଶିଳ୍ପ ବ୍ୟବସାୟିକ ପ୍ରତିନିଧି ମଣ୍ଡଳଙ୍କ ସହିତ ଆଲୋଚନା ସମୟରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହା କହିଛନ୍ତି। ସେ କହିଛନ୍ତି ଯେ, ଆଧୁନିକ ଟେକ୍ନୋଲୋଜିର ପ୍ରୟୋଗରେ ଓଡ଼ିଶାକୁ ଏକ 'ଗ୍ଲୋବାଲ୍ ଗ୍ରୀନ୍ ହବ୍'ରେ ପରିଣତ କରାଯିବ। ଜାପାନର ବିଜିନେସ୍ ଡେଲିଗେଟ୍ ମାନଙ୍କ ସହିତ ମୁଖ୍ୟମନ୍ତ୍ରୀ ଓଡ଼ିଶାରେ ପୁଞ୍ଜି ନିବେଶ ସମ୍ପର୍କରେ ବିଶେଷକରି ସବୁଜ ଅର୍ଥନୀତିର ଅଭିବୃଦ୍ଧି ସମ୍ପର୍କରେ ଆଲୋଚନା କରିଛନ୍ତି। ଏହି ଅବସରରେ ରାଜ୍ୟ ସରକାର ଏସିଏମଇ, ଆଇଏଚଆଇଆଇ କର୍ପୋରେସନ ସହିତ ଏକ ଏମଓୟୁ ସ୍ୱାକ୍ଷର କରିଛନ୍ତି। ଏହାଦ୍ୱାରା ଏହି ଦୁଇଟି କମ୍ପାନୀ ଓଡ଼ିଶାରେ ସ୍ୱଚ୍ଛ ଶକ୍ତି ଏବଂ ଅନ୍ୟାନ୍ୟ ଶିଳ୍ପ ପ୍ରକଳ୍ପରେ ବ୍ୟାପକ ରୂପରେ ନିବେଶ କରିବା ପାଇଁ ଉଦ୍ୟମ କରିବେ। ଏହି ସହଯୋଗ ଦ୍ୱାରା ଟେକ୍ନୋଲୋଜି ଟ୍ରାନ୍ସଫର, ପରିବେଶ ଅନୁକୂଳ ଦୀର୍ଘସ୍ଥାୟୀ ଶିଳ୍ପାୟନ ସହିତ ଓଡିଶାରେ ବ୍ୟାପକ ନିଯୁକ୍ତି ଓ ଅର୍ଥନୈତିକ ସୁଯୋଗ ସୃଷ୍ଟି ହେବ। ଏହି ଦୁଇଟି କମ୍ପାନୀ ଓଡ଼ିଶାରେ ୩ଟି ପ୍ରକଳ୍ପ ସ୍ଥାପନ କରିବା ପାଇଁ ସହଯୋଗର ହାତ ବଢାଇଛନ୍ତି। ଏହାର ସମୁଦାୟ ନିବେଶ ମୂଲ୍ୟ ପ୍ରାୟ ୬୭,୦୦୦ କୋଟି ଟଙ୍କା ଏବଂ ଏହା ଦ୍ୱାରା ୭,୬୦୦ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ଏହି ପ୍ରକଳ୍ପ ଗୁଡିକ ହେଲା ଗୋପାଳପୁରରେ ୦.୪ଏମଟିପିଏ କ୍ଷମତା ବିଶିଷ୍ଟ ଗ୍ରୀନ ଆମୋନିଆ ପ୍ରକଳ୍ପ। ଏଥିରେ ୨୦,୦୦୦ କୋଟି ଟଙ୍କା ନିବେଶ ହେବ ଏବଂ ଏହାଦ୍ୱାରା ୩,୪୦୦ ନିଯୁକ୍ତି ସୃଷ୍ଟି ହେବ। ଏହା ସହିତ ଏହି ପ୍ରକଳ୍ପରେ ଅତିରିକ୍ତ ୧,୦୦୦ କୋଟି ଟଙ୍କା ନିବେଶରେ ଏକ ଜେଟି ବିହୀନ ଫ୍ଲୋଟିଙ୍ଗ୍ ଟର୍ମିନାଲ୍ ଭିତ୍ତିଭୂମି ସୃଷ୍ଟି କରାଯିବ। ଏହା ସହିତ ପାରାଦୀପରେ ୩୪,୦୦୦ କୋଟି ଟଙ୍କା ବିନିଯୋଗରେ ୦.୮ ଏମଟିପିଏ କ୍ଷମତା ବିଶିଷ୍ଟ ଏକ ଗ୍ରୀନ୍ ଆମୋନିଆ ପ୍ରକଳ୍ପ ପ୍ରତିଷ୍ଠା କରାଯିବ। ଏହାଦ୍ୱାରା ୩,୬୦୦ ନିଯୁକ୍ତି ସୃଷ୍ଟି ହେବ। ତୃତୀୟ ପ୍ରକଳ୍ପଟି ହେଉଛି ୧୨,୦୦୦ କୋଟି ଟଙ୍କା ବିନିଯୋଗରେ ପାରାଦୀପରେ ୦.୧ ଗଞ୍ଜଟଇ କ୍ଷମତା ବିଶିଷ୍ଟ ଏକ ଗ୍ରୀନ୍ ମିଥାନଲ୍ ପ୍ରକଳ୍ପ କରାଯିବ। ଏହା ଦ୍ୱାରା ୬୦୦ ନିଯୁକ୍ତି ସୃଷ୍ଟି ହେବ। ଏହି ଅବସରରେ ଦେଶର ଅନ୍ୟତମ ବୃହତ୍ତମ ଗ୍ରୀନ୍ ହାଇଡ୍ରୋଜେନ୍ ଇକୋସିଷ୍ଟମ ପ୍ରତିଷ୍ଠା ନେଇ ଓଡ଼ିଶାର ଦୂରଦୃଷ୍ଟି ସମ୍ପର୍କରେ ମୁଖ୍ୟମନ୍ତ୍ରୀ ଆଲୋକପାତ କରିଛନ୍ତି। ଗତକାଲି ମଧ୍ୟପ୍ରାଚ୍ୟର ନିବେଶକଙ୍କ ସହ ୧୧ ବିଲିୟନ ଡଲାରର ଚୁକ୍ତି ପରେ ଆଜି ଦୂର ପ୍ରାଚ୍ୟ ବନ୍ଧୁ ଜାପାନ ସହିତ ହୋଇଥିବା ଏହି ସହଭାଗିତା ରାଜ୍ୟର ଶିଳ୍ପ କ୍ଷେତ୍ରକୁ ଆହୁରି ଉଜ୍ଜ୍ୱଳ କରିଛି ବୋଲି ମୁଖ୍ୟମନ୍ତ୍ରୀ ପ୍ରକାଶ କରିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଓଡ଼ିଶା ବର୍ତ୍ତମାନ ସୁଦ୍ଧା ୧୨ଟି ପ୍ରମୁଖ ଗ୍ରୀନ୍ ହାଇଡ୍ରୋଜେନ୍ ଏବଂ ଗ୍ରୀନ୍ ଆମୋନିଆ ପ୍ରକଳ୍ପକୁ ମଞ୍ଜୁରୀ ଦେଇସାରିଛି। ଏହାଦ୍ୱାରା ରାଜ୍ୟକୁ ୨ ଲକ୍ଷ କୋଟିରୁ ଅଧିକ ଟଙ୍କାର ପୁଞ୍ଜିନିବେଶ ଆସିବା ସହ ୩୬ ହଜାରରୁ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ପାରାଦୀପ, କେନ୍ଦ୍ରାପଡ଼ା ଓ ଗୋପାଳପୁରକୁ ନେଇ ଦୁଇଟି ସବୁଜ ଶିଳ୍ପ କରିଡର ବିକାଶ କରାଯାଉଛି, ଯାହା ଭାରତର 'ଇସ୍ପାତ ରାଜଧାନୀ' ଓଡ଼ିଶାକୁ ଗ୍ରୀନ୍ ଷ୍ଟିଲ୍ ଉତ୍ପାଦନରେ ବିଶ୍ୱସ୍ତରୀୟ ଅଗ୍ରଣୀ କରାଇବ। ଏହି କାର୍ଯ୍ୟକ୍ରମରେ ଏସିଏମଇ, ଆଇଏଚଆଇଆଇ, ମିଟ୍ସୁଭାଷୀ ଆଦି ଅନ୍ତର୍ଜାତୀୟସ୍ତରର କମ୍ପାନୀର ପ୍ରତିନିଧିମାନେ ଯୋଗଦେଇଥିଲେ।

## ରାଜ୍ୟରେ ସକ୍ରିୟ ଲଘୁଚାପ

# ଅତି ଭୀଷଣ ବର୍ଷା ସମ୍ଭାବନା

## ୯ ଜିଲ୍ଲାକୁ ରେଡ୍ ୱାର୍ଣ୍ଣିଂ



**ଭୁବନେଶ୍ୱର:** ଉତ୍ତର-ପଶ୍ଚିମ ବଙ୍ଗୋପସାଗର ଓ ଏହାର ନିକଟବର୍ତ୍ତୀ ଉତ୍ତର ଓଡ଼ିଶା ପଶ୍ଚିମବଙ୍ଗ ଉପକୂଳ ଉପରେ ଥିବା ଲଘୁଚାପ କ୍ଷେତ୍ର ଏବେ ଉତ୍ତର-ପଶ୍ଚିମ ବଙ୍ଗୋପସାଗର ଏବଂ ଏହାର ପାଖାପାଖି ଅଞ୍ଚଳ ଉପରେ ରହିଛି। ଏହା ସହ ଜଡ଼ିତ ଘୂର୍ଣ୍ଣିବଳୟ ସମୁଦ୍ର ପତ୍ତନଠାରୁ ୭.୬ କିଲୋମିଟର ପର୍ଯ୍ୟନ୍ତ ବ୍ୟାପିଛି। ଏହାର ପ୍ରଭାବରେ ଆଗାମୀ ୨ ଦିନ ମଧ୍ୟରେ ଏହା ଅଧିକ ଘନୀଭୂତ ହେବାର ସମ୍ଭାବନା ରହିଛି। ରାଜ୍ୟରେ ଲଘୁଚାପ ଜନିତ ବର୍ଷା ଜାରି ରହିଥିବା ବେଳେ ଆସନ୍ତାକାଲି ସକାଳ ସାଢ଼େ ୮ଟା ପର୍ଯ୍ୟନ୍ତ କୋରାପୁଟ, ମାଲକାନଗିରି, ରାୟଗଡ଼ା ଓ କଳାହାଣ୍ଡି ଜିଲ୍ଲାକୁ ରେଡ୍ ୱାର୍ଣ୍ଣିଂ ଦିଆଯାଇଛି। ଏହି ସବୁ ଜିଲ୍ଲାର କିଛି ସ୍ଥାନରେ ପ୍ରବଳରୁ ଅତିପ୍ରବଳ ବର୍ଷା ହେବାର ସମ୍ଭାବନା ଥିବା ବେଳେ କିଛି ସ୍ଥାନରେ ଅତି ଭୀଷଣ ବର୍ଷା ହେବାର ସମ୍ଭାବନା ରହିଛି। ସେହିପରି ଗଜପତି, ଗଞ୍ଜାମ, କନ୍ଧମାଳ, ବୌଦ୍ଧ, ନୂଆପଡ଼ା, ବଲାଙ୍ଗିର, ସୋନପୁର, ବରଗଡ଼ ଓ ନବରଙ୍ଗପୁର ଜିଲ୍ଲାର କିଛି ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ଥିବାରୁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି। ବାକି ସମସ୍ତ ଜିଲ୍ଲାଗୁଡ଼ିକର କିଛି ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ଥିବାରୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ଶନିବାର ସକାଳ ସାଢ଼େ ୮ରୁ ୫ ତାରିଖ ସକାଳ ସାଢ଼େ ୮ଟା ପର୍ଯ୍ୟନ୍ତ କନ୍ଧମାଳ, ବୌଦ୍ଧ, ସୋନପୁର, ସମ୍ବଲପୁର ଓ ଅନୁଗୋଳ ଜିଲ୍ଲାକୁ ରେଡ୍ ୱାର୍ଣ୍ଣିଂ ଜାରି କରାଯାଇଛି। ଏହି ସବୁ ଜିଲ୍ଲାର କିଛି ସ୍ଥାନରେ ପ୍ରବଳରୁ ଅତିପ୍ରବଳ ବର୍ଷା ହେବାର ସମ୍ଭାବନା ଥିବା ବେଳେ କିଛି ସ୍ଥାନରେ ଅତି ଭୀଷଣ ବର୍ଷା ହେବାର ସମ୍ଭାବନା ରହିଛି। ସେହିପରି ଗଜପତି, ରାୟଗଡ଼ା, କଳାହାଣ୍ଡି, ଗଞ୍ଜାମ, ନୟାଗଡ଼, ଢେଙ୍କାନାଳ, କଟକ ଓ କେନ୍ଦୁଝର ଜିଲ୍ଲାକୁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି। ଏହି ସବୁ ଜିଲ୍ଲାର କିଛି ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହୋଇପାରେ। ବାକି ସମସ୍ତ ଜିଲ୍ଲାର କିଛି ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ଥିବାରୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ୫ ତାରିଖ ସକାଳ ସାଢ଼େ ୮ଟାରୁ ୬ ତାରିଖ ସକାଳ ସାଢ଼େ ୮ଟା ପର୍ଯ୍ୟନ୍ତ ସୁନ୍ଦରଗଡ଼, କେନ୍ଦୁଝର ଓ ମୟୂରଭଞ୍ଜ ଜିଲ୍ଲା ପାଇଁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି। ଏହି ସବୁ ଜିଲ୍ଲାର କିଛି ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହୋଇପାରେ। ଅନ୍ୟପକ୍ଷରେ କେନ୍ଦ୍ରାପଡ଼ା, ଭଦ୍ରକ, ବାଲେଶ୍ୱର, ଯାଜପୁର, ଢେଙ୍କାନାଳ, ଅନୁଗୋଳ, ଦେବଗଡ଼, ସମ୍ବଲପୁର, ଝାରସୁଗୁଡ଼ା ଓ ବରଗଡ଼ର କିଛି ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ଥିବାରୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି।

## ରାସ୍ତାକଡ଼ରୁ ଡ୍ରାଇଭରଙ୍କ ଶବ ଉଦ୍ଧାର

### ହତ୍ୟା ସନ୍ଦେହରେ ପୋଲିସ ତଦନ୍ତ ଜାରି

**ବ୍ରଜରାଜନଗର:** ଝାରସୁଗୁଡ଼ାଜିଲ୍ଲା ବେଲପାହାଡ଼ ଥାନା ଅନ୍ତର୍ଗତ ମୁଚବାହାଲ ସବଷ୍ଟେସନ ରାସ୍ତା କଡରେ ଶୁକ୍ରବାର ସକାଳେ ଜଣେ ଯୁବକଙ୍କ ଶବ ଉଦ୍ଧାର ହୋଇଛି। ଏହାକୁ ହତ୍ୟାକାଣ୍ଡ ବୋଲି ପୁଲିସ ସନ୍ଦେହ କରୁଛି। ମୃତ ଯୁବକଙ୍କ ନାମ ହେଉଛି ସୁଜନ କୁମାର। ସେ ବୃତ୍ତିରେ ଜଣେ ଡ୍ରାଇଭର। ଗତ ୧୦ ବର୍ଷ ଧରି ସେ ମୁଚବାହାଲ ଅଞ୍ଚଳରେ ରହି ଆସୁଥିଲେ। ତେବେ ତାଙ୍କ ପ୍ରକୃତ ଘର ଝାଡ଼ଖଣ୍ଡ ନା ବିହାରରେ ତାହା ଏ ପର୍ଯ୍ୟନ୍ତ ସ୍ପଷ୍ଟ ହୋଇପାରିନାହିଁ। ସ୍ଥାନୀୟ ଲୋକେ ସକାଳେ ରାସ୍ତା କଡ଼ରେ ଶବ ପଡ଼ିଥିବା ଦେଖି ପୁଲିସକୁ ଖବର ଦେଇଥିଲେ। ଖବର ପାଇ ବେଲପାହାଡ଼ ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଶବ ଜବତ କରିଛି। ଘଟଣାର ତଦନ୍ତ ପାଇଁ ପୁଲିସ ସାଇଣ୍ଟିଫିକ୍ ଟିମ୍‌ର ସହାୟତା ନେଇଛି। ବେଲପାହାଡ଼ ଥାନା ଅଧିକାରୀ କହିଛନ୍ତି, 'ପ୍ରାଥମିକ ଅନୁମାନରୁ ଏହା ଏକ ହତ୍ୟାକାଣ୍ଡ ବୋଲି ଲାଗୁଛି। ସାଇଣ୍ଟିଫିକ୍ ଟିମ୍ ସହାୟତାରେ ସମସ୍ତ ପ୍ରମାଣ ସଂଗ୍ରହ କରାଯାଉଛି। ମୃତକଙ୍କ ପରିଚୟ ଓ ହତ୍ୟାର କାରଣ ଖୋଜିବା ପାଇଁ ତଦନ୍ତ ଜାରି ରହିଛି'। ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଧରିବାକୁ ପୁଲିସ ଉଦ୍ୟମ କରୁଛି। ଏସଡିପିଓ ଚିନ୍ତାମଣି ପ୍ରଧାନଙ୍କ ସମେତ ପୁଲିସ ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି।

## ବରଯାତ୍ରୀ ଉପରେ ବଜ୍ରପାତ

### ଜଣେ ମୃତ, ୨ ଆହତ

**ଢେଙ୍କାନାଳ :** କନିଆ ଘର ଆଉ ଅଳ୍ପ ଦୂର ଥିଲା। ବରଯାତ୍ରୀ ନାଚି ନାଚି କନିଆ ଘର ଅଭିମୁଖେ ଯାଉଥିବା ବେଳେ ମାରି ଥିଲା ବିଜୁଳି। ଫଳରେ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ଆଉ ୨ ଜଣ ଆହତ ହୋଇଛନ୍ତି। ଶୁକ୍ରବାର ଏହି ଘଟଣା ଘଟିଛି ଢେଙ୍କାନାଳ ସଦର ଥାନା ରଞ୍ଜା ଗାଁରେ। ମୃତ ବ୍ୟକ୍ତିଙ୍କ ନାଁ ଅମିନ ବେହେରା। ତାଙ୍କୁ ୫୨ ବର୍ଷ ହୋଇଥିଲା। ତାଙ୍କ ଘର କୋଇଲିପଙ୍ଗି ଗାଁରେ। ଦୁଇ ଆହତ ହେଉଛନ୍ତି ତପନ ଜେନା ଓ ମନୋଜ ଦେହୁରୀ। ଦୁଇ ଆହତଙ୍କ ମଧ୍ୟରୁ ମନୋଜଙ୍କ ଅବସ୍ଥା ଗୁରୁତର ରହିଛି। ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଛି। ଢେଙ୍କାନାଳ ସଦର ଥାନା ଚନ୍ଦ୍ରଶେଖରପ୍ରସାଦ ଗାଁରୁ ବରଯାତ୍ରୀ ରଞ୍ଜାକୁ ଯାଇଥିବା ବେଳେ ଅଘଟଣ ଘଟିଥିଲା। ବିଜୁଳି ମାରିବା ପରେ ଅମିନଙ୍କ ସମେତ ୩ ଜଣଙ୍କୁ ଢେଙ୍କାନାଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ଅମିନଙ୍କୁ ମୃତ ଘୋଷଣା କରାଯାଇଥିବା ବେଳେ ଆବଶ୍ୟକ ଚିକିତ୍ସା ପରେ ମନୋଜ ଦେହୁରୀଙ୍କୁ କଟକ ସ୍ଥାନାନ୍ତର କରାଯାଇଥିଲା।

# ଦାବି ନେଇ ସରକାର-ଡାକ୍ତରଙ୍କ କଳି

- ଛଟପଟ ହେଉଛନ୍ତି ରୋଗୀ
- ଆଜି ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ସହ ଡାକ୍ତରଙ୍କ ହେବ ଆଲୋଚନା

**ଭୁବନେଶ୍ୱର :** ଡାକ୍ତରଙ୍କ ଆନ୍ଦୋଳନ ଯୋଗୁଁ ରାଜ୍ୟରେ ଅଚଳ ହୋଇପଡିଛି ସ୍ୱାସ୍ଥ୍ୟସେବା । ଡାକ୍ତରୀ ଆନ୍ଦୋଳନର ହନ୍ତସନ୍ତ ହେଉଛନ୍ତି ରୋଗୀ । ଲାଗିଛି ଲମ୍ବା ଧାଡ଼ି । ଆୟୁଷ ଡାକ୍ତରଙ୍କ ଭରଷାରେ ଚାଲିଛି ସ୍ୱାସ୍ଥ୍ୟସେବା । ଶବ ବ୍ୟବଚ୍ଛେଦ ପାଇଁ ବି ଘଣ୍ଟା ଘଣ୍ଟା ଅପେକ୍ଷା କରିବାକୁ ପଡୁଛି । ବିଭିନ୍ନ ଦାବି ନେଇ ସରକାର ଓ ଡାକ୍ତରଙ୍କ ଭିତରେ ଚାଲିଥିବା କଳି ପାଇଁ ବଳି ପଡିଛନ୍ତି ଜନତା । ଡାକ୍ତରମାନେ ଜିଦରେ ଅଟଳ ଥିବାବେଳେ ସାରାରାଜ୍ୟରେ ଅଚଳ ହୋଇପଡିଛି ସ୍ୱାସ୍ଥ୍ୟସେବା । ମେଡିକାଲ କଲେଜ ନଥିବା ୧୫ଜିଲ୍ଲାରେ ସ୍ୱାସ୍ଥ୍ୟସେବା ଅଧିକ ବିପର୍ଯ୍ୟସ୍ତ ହୋଇପଡିଛି । ମାଲକାନଗିରି, ବାଲେଶ୍ୱର, କେନ୍ଦ୍ରାପଡ଼ାରେ ରୋଗୀଙ୍କ ଲମ୍ବା ଧାଡି ଲାଗିଛି । ଭଦ୍ରକରେ ଶିଶୁ ବିଭାଗକୁ ଆସୁଥିବା କୁନି କୁନି ପିଲାମାନେ ଚିକିତ୍ସାରୁ ବଂଚିତ ହୋଇଛନ୍ତି । ଆୟୁଷ ଡାକ୍ତରଙ୍କ ଭରସାରେ ଚାଲିଛି କୋରାପୁଟ ଜୟପୁର ହସ୍ପିଟାଲ । ବାଲେଶ୍ୱର ନୀଳଗିରିରେ ଡାକ୍ତର ଦେଖୁନଥିବାରୁ ନିରାଶ ହୋଇ ରୋଗୀ ଘରକୁ ଫେରୁଛନ୍ତି । ବୟସ୍କଙ୍କ ଠାରୁ ଆରମ୍ଭ କରି କୁନି କୁନି ପିଲାଙ୍କ ପର୍ଯ୍ୟନ୍ତ ସମସ୍ତେ ସ୍ୱାସ୍ଥ୍ୟସେବାରୁ ବଂଚିତ ହୋଇଛନ୍ତି । ଡାକ୍ତର ଆନ୍ଦୋଳନ ଯୋଗୁଁ ଶବକୁ ବି ହଟହଟା ହେବାକୁ ପଡ଼ିଛି । ଶବ ବ୍ୟବଚ୍ଛେଦ ପାଇଁ କୋଇଡାରୁ ଯୋଡା ଆସିଥିବା ୨ଟି ମୃତଦେହ ଦୁଇ ଦିନ ପଡି ରହିଥିଲା । ଡାକ୍ତର ନଥିବାରୁ ପୋଷ୍ଟମର୍ଟମ ହୋଇନପାରି ଶେଷରେ ଜିଲ୍ଲା ମୁଖ୍ୟାଳୟକୁ କରାଯାଇଛି ସ୍ଥାନାନ୍ତର । ଗତକାଲି ଉଦଳାରୁ ଆସିଥିଲା ସମାନ ଚିତ୍ର । ଘୁ. ଉଦୟଗିରିରେ ମଧ ଜଣଙ୍କ ମୃତଦେହ ଘଣ୍ଟା ଘଣ୍ଟା ପଡିରହିବା ପରେ ଶେଷରେ କରାଯାଇଥିଲା ଶବବ୍ୟବଚ୍ଛେଦ । ଏତିକି ନୁହେଁ ପ୍ରଭାବିତ ହୋଇଛି ଓପିଡି ଚିକିତ୍ସା ସେବା, ଜରୁରୀକାଳୀନ ଅସ୍ତ୍ରୋପଚାର ଦୁର୍ଘଟଣା କିମ୍ବା ଅନ୍ୟ ଜରୁରୀକାଳୀନ ଚିକିତ୍ସା, ପ୍ରସବଜନିତ ଚିକିତ୍ସା ଓ ଅସ୍ତ୍ରୋପଚାର। ଡାକ୍ତରଙ୍କୁ ଦ୍ୱିତୀୟ ଭଗବାନ ବୋଲି କୁହାଯାଏ । ସେମାନଙ୍କ ତ୍ୟାଗ, ନିଷ୍ଠା ଓ କର୍ତ୍ତବ୍ୟ ଆଗରେ ମୃତ୍ୟୁ ହାର ମାନିଥାଏ । ନୂଆ ଜୀବନ ଦେଇଥାନ୍ତି । କିନ୍ତୁ ସେହି ଡାକ୍ତରଙ୍କ ଜିଦ୍ ଓ ସରକାରଙ୍କ ବେପରୁଆ ନୀତି ଯୋଗୁଁ ଲକ୍ଷ ଲକ୍ଷ ରୋଗୀ ଛଟପଟ ହେଉଛନ୍ତି। ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ସହ ଡାକ୍ତରଙ୍କ ହେବ ଆଲୋଚନା । ଆସନ୍ତାକାଲି ଦିନ ସାଢେ ୧୧ଟା ସମୟରେ ମନ୍ତ୍ରୀଙ୍କ ଚାମ୍ବରରେ ଆଲୋଚନା ହେବ ବୋଲି ସୂଚନା ମିଳିଛି । ଏ ନେଇ ଓମସା ସଭାପତି ଓ ସମ୍ପାଦକଙ୍କୁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଚିଠି କରାଯାଇଛି । ସୂଚନା ଅନୁସାରେ, ଆନ୍ଦୋଳନରତ ଡାକ୍ତରଙ୍କ ବିରୋଧରେ ରାଜ୍ୟ ସରକାର ଗତକାଲି କଠୋର ଚେତାବନୀ ଦେଇଥିଲେ । ଆନ୍ଦୋଳନ ଛାଡି କାର୍ଯ୍ୟରେ ଯୋଗ ଦେବାକୁ ଚେତାବନୀ ଦେଇଥିଲେ । କାର୍ଯ୍ୟରେ ଯୋଗ ନ ଦେଲେ ଆନ୍ଦୋଳନରତ ଡାକ୍ତରଙ୍କ ଦରମା ବନ୍ଦ ପାଇଁ ନିର୍ଦ୍ଦେଶ ଦେଇଥିଲେ । ସମସ୍ତ ସିଡିଏମ୍‌ଓ, ପିଏଚଓଙ୍କୁ ନିର୍ଦ୍ଦେଶନାମା ଜାରି କରାଯାଇଥିଲା । ସମସ୍ତ ମେଡିକାଲ କଲେଜ ଅଧ୍ୟକ୍ଷ ଏବଂ ଅଧୀକ୍ଷକଙ୍କୁ ଚିଠି କରାଯାଇଥିଲା । ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏହି ଚିଠି କରାଯାଇଥିଲା ।

## ୩୦ ଲକ୍ଷରୁ ଅଧିକ ଟଙ୍କା ଆତ୍ମସାତ୍

# ଦୁଇ ପୂର୍ବତନ ପିଇଓଙ୍କୁ ବାନ୍ଧିଲା ଭିଜିଲାନ୍ସ



**ଭୁବନେଶ୍ୱର:** ଭିଜିଲାନ୍ସ ଶୁକ୍ରବାର ପୁରୀ ଜିଲ୍ଲାର ଦୁଇ ଜଣ ପୂର୍ବତନ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ (ପିଇଓ)ଙ୍କୁ ଗିରଫ କରିଛି। ମଧୁବାବୁ ପେନସନ ଯୋଜନା ର ହିତାଧିକାରୀଙ୍କ ପାଇଁ ଉଦ୍ଦିଷ୍ଟ ଅର୍ଥରୁ ୩୦ ଲକ୍ଷ ୭୮ ହଜାର ୬୨୦ ଟଙ୍କା ଆତ୍ମସାତ୍ କରିଥିବା ଅଭିଯୋଗରେ ସେମାନଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ ସୁଲମଣି ଜାନୀ ଓ ଟୁନା ପ୍ରଧାନ। ସୁଲମଣି ହେଉଛନ୍ତି ସଦର ବ୍ଲକର ଗଡ଼ମୃଗଶିରା ଓ ଜମାରସୁଆଁ ଗ୍ରାମ ପଞ୍ଚାୟତର ପୂର୍ବତନ ପିଇଓ। ଏବେ ସେ ସଦର ବ୍ଲକ କାର୍ଯ୍ୟାଳୟରେ ନିଯୁକ୍ତ ହୋଇଥିଲେ। ଟୁନା ହେଉଛନ୍ତି କଣାସ ବ୍ଲକର ସାହୁପଡ଼ା ଗ୍ରାମ ପଞ୍ଚାୟତର ପୂର୍ବତନ ପିଇଓ। ଏବେ ସେ ଗୋପ ବ୍ଲକ କାର୍ଯ୍ୟାଳୟରେ ନିଯୁକ୍ତ ହୋଇଥିଲେ। ଭିଜିଲାନ୍ସ ତଦନ୍ତରୁ ଜଣାପଡ଼ିଛି ଯେ ୨୦୨୨ରୁ ୨୦୨୫ ମଧ୍ୟରେ ଉଭୟ ଅଭିଯୁକ୍ତ ନିଜ ପଦବୀର ଅପବ୍ୟବହାର କରି ଏହି ଆର୍ଥିକ ଦୁର୍ନୀତି କରିଥିଲେ। ସୁଲମଣି ଜାନୀ ୧୫ ଲକ୍ଷ ୭୪ ହଜାର ୮୨୦ ଟଙ୍କା ଏବଂ ଟୁନା ପ୍ରଧାନ ୧୫ ଲକ୍ଷ ୩ ହଜାର ୮୦୦ ଟଙ୍କା ଆତ୍ମସାତ୍ କରିଥିବା ତଦନ୍ତରୁ ସ୍ପଷ୍ଟ ହୋଇଛି। ଏହି ଘଟଣାରେ ଭୁବନେଶ୍ୱର ଭିଜିଲାନ୍ସ ଥାନାରେ ମାମଲା ରୁଜୁ କରାଯାଇଛି। ଅଭିଯୁକ୍ତମାନଙ୍କ ବିରୋଧରେ ଦୁର୍ନୀତି ନିବାରଣ (ସଂଶୋଧନ) ଆଇନ, ୨୦୧୮ର ଧାରା ୧୩(୨) ସହ ୧୩(୧)(ଏ) ଏବଂ ଭାରତୀୟ ନ୍ୟାୟ ସଂହିତାର ଧାରା ୩୧୬(୫) ଅନୁଯାୟୀ ମାମଲା ରୁଜୁ ହୋଇଛି। ଭିଜିଲାନ୍ସ ପକ୍ଷରୁ ଘଟଣାର ଅଧିକ ତଦନ୍ତ ଜାରି ରହିଛି।

## ରଥ ନିର୍ମାଣର ୭୪ ତମ ଦିବସ

# ଦୁଆର ବେଢା ଉପରେ ଚନ୍ଦ୍ରଶାଳୀରେ ଧ୍ୱଜବତା ସଂଯୋଗ

- ସାରଥୀ ଓ ଘୋଡା ରଙ୍ଗ କାର୍ଯ୍ୟ ଜାରି
- ଶ୍ରୀମନ୍ଦିର କାର୍ଯ୍ୟାଳୟ ସମ୍ମୁଖ ରଥଖଳା ଚଳଚଞ୍ଚଳ



**ପୁରୀ:** ଆଷାଢ ମାସ ଶୁକ୍ଳପକ୍ଷ ଦ୍ୱିତୀୟା ତିଥିରେ ଶ୍ରୀଗୁଣ୍ଡିଚା ଯାତ୍ରା । ରତ୍ନବେଦିରୁ ଜନ୍ମବେଦୀକୁ ବିଜେ କରିବେ ଚତୁର୍ଦ୍ଧାମୂର୍ତ୍ତି । ରଥାରୁଢ ହୋଇ ବଡଦାଣ୍ଡରେ ଘର ଘର ନାଦ କରି ରଥ ଗଡିବ। ଏଥିପାଇଁ ବଡଦାଣ୍ଡ ସ୍ଥିତ ଶ୍ରୀମନ୍ଦିର କାର୍ଯ୍ୟାଳୟ ସମ୍ମୁଖ ରଥଖଳା ଚଳଚଞ୍ଚଳ ହୋଇଉଠିଛି। ରଥ ନିର୍ମାଣକାରୀ ସେବକ ମାନେ ତିନିରଥର ନିର୍ମାଣ କାର୍ଯ୍ୟ ଦ୍ରୁତ ଗତିରେ କରୁଛନ୍ତି । ଶୁକ୍ରବାର ରଥ ନିର୍ମାଣର ୭୪ ତମ ଦିବସରେ ରଥ ନିର୍ମାଣକାରୀ ସେବକ ମାନେ ରଥଖଳା ଠାରେ ରଥ ନିର୍ମାଣ କାର୍ଯ୍ୟରେ ଯୋଗ ଦେଇଥିଲେ। ଶୁକ୍ରବାର ଦୁଆର ବେଢାକୁ ମଜବୁତ ରଖିବା ପାଇଁ ଦୁଆର ବେଢା ଉପରି ଭାଗ ଚନ୍ଦ୍ର ଶାଳୀରେ ଧ୍ୱଜବତା ସଂଯୋଗ କରାଯାଇ ମଝି ଭୂଇଁ ସେଣି ରେ କଣ୍ଟା ବସି ଫିଟିଙ୍ଗ କାର୍ଯ୍ୟ ଶେଷ ହୋଇଛି । ଗୁରୁବାର ସୁଦ୍ଧା ତିନିରଥରେ ୮ ଟି ଲେଖାଏଁ ରଷି ପଟା ସଂଯୋଗ ହେବାସହ ତିନିରଥର ପ୍ରଭାରେ ରୁପଖୋଦେଇ ଶେଷ ହୋଇଥିଲା। ଏଥିସହ ତିନିରଥ ଚାଳି ରେ ଦୁଇଟି ଲେଖାଏଁ ସିଂହାସନ ମାଲ କାଠ ର ଚଉପଟ କାର୍ଯ୍ୟ ଶେଷ ହୋଇଥିଲା। ରଥ ଉପରକୁ ଦୁଆର ବେଢା ଉଠିବା ଦିନ ବାଉଁଶ ନିର୍ମିତ ରଥ ଚାଳି ଭଙ୍ଗା ଯାଇ ରଥ ଚାଳିରୁ ବାହାରିଥିବା ବାଉଁଶରେ ତିନିରଥର ଦୁଆର ଦେଢ଼ା ରଥ ଉପରକୁ ଉଠିବା ପାଇଁ ବାଉଁଶ ତେଣ୍ଟିଆ ବ୍ୟବହୃତ ହୋଇଥିଲା। ପରମ୍ପରା ପ୍ରକାରେ ଭୋଇ ସେବକ ମାନେ ପୂର୍ବାହ୍ନରେ ବାଉଁଶ ନିର୍ମିତ ରଥ ଚାଳି ଭାଙ୍ଗି ରଥ ଚାଳି ରୁ ବାହାରିଥିବା ବାଉଁଶରେ ବାଉଁଶ ତେଣ୍ଟିଆ ପ୍ରସ୍ତୁତ କାର୍ଯ୍ୟ ଶେଷ କରିଥିଲେ। ଭୋଇ ସର୍ଦ୍ଦାର ରବି ଭୋଇଙ୍କ ନେତୃତ୍ୱରେ ତିନିରଥର ସାଥୀ ଭୋଇ ସେବକ ମାନେ ମିଶି ତିନିରଥର ଆଗ ଆଣି ,ପଛ ଆଣି ଏବଂ ରଥ ଦୁଇପାର୍ଶ୍ୱ ର ଦୁଆର ବେଢାକୁ ବାଉଁଶ ତେଣ୍ଟିଆ ସହାୟତାରେ ଉଠାଇ ନାଟ ଗୋଡ଼ ସହ ସଂଯୋଗ ପୂର୍ବକ ରଥରେ ଦଉଡ଼ି ଦ୍ୱାରା ବାନ୍ଧେଣୀ କାର୍ଯ୍ୟ ଶେଷ କରିଥିଲେ। ଶୁକ୍ରବାର ଦୁଆର ବେଢାକୁ ମଜବୁତ ରଖିବା ପାଇଁ ଦୁଆର ବେଢା ଉପରି ଭାଗ ଚନ୍ଦ୍ର ଶାଳୀରେ ଧ୍ୱଜ ବତା ସଂଯୋଗ କରାଯାଇ ମଝି ଭୂଇଁ ସେଣି ରେ କଣ୍ଟା ବସି ଫିଟିଙ୍ଗ କାର୍ଯ୍ୟ ଶେଷ ହୋଇଛି । ରୂପକାର ସେବକ ମାନେ ତିନିରଥର ବାକିଥିବା ପଟା ଗୁଜରେ ନର ବିରାଳ ,ସିଂହ ବିରାଳ ଚିତ୍ର ଖୋଦେଇ ସହ ପ୍ରଭା ପଟାରେ ବାକି ରହି ଯାଇଥିବା ରୂପ ଖୋଦେଇ ର ପଲିସ୍ କାର୍ଯ୍ୟ ଶେଷ କରିଛନ୍ତି। ଚିତ୍ରକାର ସେବକ ମାନେ ତିନିରଥର ପାର୍ଶ୍ୱ ଦେବ ଦେବୀ, କଳସ,ହଂସ ପଟା, କନ୍ୟା ପଟା, ଠେକରା ବାଡ଼ ଇତ୍ୟାଦିର ରଙ୍ଗ କାର୍ଯ୍ୟ ଶେଷ ପରେ ତିନିରଥର ବାହ୍ୟ ଅଂଶ ଗୁଡିକରେ ରଙ୍ଗ କାର୍ଯ୍ୟ ସହ ତିନିରଥ ର ସାରଥୀ ଏବଂ ଘୋଡ଼ା ଇତ୍ୟାଦିରେ ରଙ୍ଗ କାର୍ଯ୍ୟ ଜାରୀ ରଖିଛନ୍ତି। ଦୋଳ ବେଦୀ ଅସ୍ଥାୟୀ କମାର ଶାଳ ରେ ଓଝା କମାର ସେବକ ମାନେ ତିନିରଥର ଦୁଆର ବେଢା ପାଇଁ ଧ୍ୱଜ ବତା କଣ୍ଟା ସହ ତିନିରଥର ବ୍ରେକ ପୁଲି ପାଇଁ ଲୁହା କଡା ନିର୍ମାଣ ଶେଷ କରିଛନ୍ତି ।ପାହି ମହାରଣା ମାନେ ଅଣସର ପାଇଁ କାଠ ନିର୍ମିତ ସରଞ୍ଜାମ ଯୋଗାଇ ଦେବାସହ ରଥଯାତ୍ରା ପାଇଁ ଆବଶ୍ୟକ କାଠ ନିର୍ମିତ ସରଞ୍ଜାମ ନିର୍ମାଣ ଯାରୀରଖିଛନ୍ତି। ମୁଖ୍ୟ ଦରଜୀ ସେବକ ଏବଂ ସହଯୋଗୀ ଦରଜୀ ସେବକ ମାନେ ମିଶି ରଥ କନା କଟିଙ୍ଗ ପୂର୍ବରୁ ଅନୁକୂଳ ପୂଜା ପୂର୍ବକ ମହାର୍ଦ ରଖି ନଡିଆ ବାଡେଇ ରଥ କନା କଟିଙ୍ଗ କାର୍ଯ୍ୟ ଶେଷ କରିଛନ୍ତି । ଶୁକ୍ରବାର ଠାରୁ ରଥ କନା ଜୋଡଣି ସହ ଲେସ୍ ପକା କାର୍ଯ୍ୟ ଆରମ୍ଭ କରିଛନ୍ତି । ତିନିରଥର ମହାରଣା ସେବକ ୭୭ଜଣ , ଭୋଇ ସେବକ ୭୬ଜଣ , କରତି ସେବକ ୪ଜଣ, ରୂପକାର ସେବକ ୨୧ଜଣ, ଓଝା କମାର ସେବକ ୨୦ଜଣ ,ତୁମ୍ବ ବିନ୍ଧ କାରିଗର ୨ଜଣ,ପାହି ମହାରଣା ୨ଜଣ, ଚିତ୍ରକାର ୪୦ଜଣ ଓ ରଥଖଳା ସହାୟକ ୧ଜଣ ମୋଟ ୨୪୩ ଜଣ ସେବକ ମହାପ୍ରଭୁଙ୍କ ତିନିରଥ ନିର୍ମାଣ କାର୍ଯ୍ୟରେ ନିମଗ୍ନ ରହିଛନ୍ତି ।

## ସମ୍ପାଦକୀୟ

# ଅସ୍ଥିର ସ୍ଥିତିରେ ଇରାନ୍

୨୦୨୫ରେ ଇରାନ୍ ସହିତ ଆମେରିକାର ଯେଉଁ ବାରଦିନିଆ ଯୁଦ୍ଧସ୍ଥିତି ସୃଷ୍ଟି ହୋଇଥିଲା, ସେହି ଯୁଦ୍ଧ ଉଭୟ ଦେଶ ମଧ୍ୟରେ ଯେଉଁ କୁହେଳିକା ପରିସ୍ଥିତି ସୃଷ୍ଟି କରିଥିଲା,ତାହା ଭିତରେ ଭିତରେ କୁହୁଳୁଥିଲା ଏକ ଅଲିଭା ନିଆଁ ପିଣ୍ଡୁଳା ଯାହା କେବଳ କୁହୁଳୁଥିଲା ଯାହା ଏବେ ଜଳିବା ସ୍ଥିତିକୁ ଆସିଯାଇଛି। କୌଣସି ବି ସମୟରେ ହୁତୁ ହୁତୁ ହୋଇ ଜଳିବା ଆରମ୍ଭ ହୋଇଯାଇପାରେ। ଯେମିତି କି ପୂର୍ବରୁ ଆମେ କହି ସାରିଛୁ ଯେ ଦୁଇହଜାର ପଚିଶି ମସିହା ପରଠାରୁ ଉଭୟ ଦେଶ ମଧ୍ୟରେ ଯେଉଁଳି ଯୁଦ୍ଧସ୍ଥିତି ସୃଷ୍ଟି ହୋଇଥିଲା, ତାହା ପଛରେ ସେଭଳି କିଛି ଗୁରୁତ୍ୱପୂର୍ଣ୍ଣ କାରଣ ରହିଥିଲା, ବର୍ତ୍ତମାନର ପ୍ରସଙ୍ଗଠାରୁ ଯଦିଓ ସେହି ପ୍ରସଙ୍ଗ ନିଶ୍ଚୟ ଭିନ୍ନ, ତଥାପି ସେହି କାରଣ ବି ସେହିଭଳି ଥିଲା କିଛି ଗୁରୁତ୍ୱପୂର୍ଣ୍ଣ। ଯେବେ ଇସ୍ରାଏଲ୍ ଏବଂ ପାଲେଷ୍ଟାଇନ୍ ସେମାନଙ୍କ ମଧ୍ୟରେ ପାରସ୍ପରିକ କିନ୍ତୁ ପ୍ରତିଦ୍ୱନ୍ଦିତାମୂଳକ ଲଢ଼େଇ ଆରମ୍ଭ ହୋଇଥିଲା, ସେହି ସମୟରେ ଯାହା ଆମ ନଜରରେ ରହିଛି ଅବା ଅନ୍ୟ ଶବ୍ଦରେ କହିଲେ ଯାହା ଆମ ନଲେଜ୍‌ରେ ରହିଛି,ପାଲେଷ୍ଟାଇନ ସମର୍ଥିତ କେତେକ ବିଦ୍ରୋହୀ ଗୋଷ୍ଠୀ ଯେମିତି କି ହୁତୀ ଅବା ହିଜବୁଲ୍ଲା ଭଳି କେତେକ ଆତଙ୍କବାଦୀ ତଥା ଦେଶଦ୍ରୋହୀ ସଙ୍ଗଠନ ଯେଉଁମାନେ ସେତେବେଳେ ଇସ୍ରାଏଲ୍ ବିପକ୍ଷ ଲଢ଼େଇରେ ପାଲେଷ୍ଟାଇନକୁ ସମର୍ଥନ ଦେଇଥିଲେ ଯେଉଁଥିରେ ସେତେବେଳେ ଇରାନ୍‌ର ହାତ ଥିଲା। ପ୍ରଚ୍ଛଦପଟ୍ଟରେ ହାତ ଥିଲା ଇରାନ୍‌ର। ଯାହାକୁ ଆମେ ପ୍ରଚ୍ଛଦପଟ୍ଟ ଖଳନାୟକ ବୋଲି କହି ପାରିବା। ସେବେଠାରୁ ଉଭୟ ଦେଶ ଇରାନ୍ ଏବଂ ପାଲେଷ୍ଟାଇନ୍ ମଧ୍ୟରେ ବି ସେହିଭଳି ତିକ୍ତତା ସୃଷ୍ଟି ହୋଇଥିଲା। ଯାହା ପରବର୍ତ୍ତୀ ସମୟରେ ବଦଳିଯାଇଥିଲା ଶତ୍ରୁତାରେ। ଆରମ୍ଭ ଏକ ବିସ୍ଫୋରକ ସ୍ଥିତି। ଭିତରେ ଭିତରେ କୁହୁଳୁଥିଲା ନିଆଁ। କିଏ ବା ଜାଣିବ ? କେବେ ବା ଜଳିବ ନିଆଁ ସେ ବିଷୟରେ କିଛି ବି କହିହେବ ନାହିଁ। ପରିସ୍ଥିତି ତ ଏଭଳି ଯେ କୌଣସି ବି ସମୟରେ ଜଳିପାରେ ନିଆଁ। ତାହା କାହିଁକି ଆଜି ବି ଜଳିନପାରେ ? କିଛି ବି ଅସମ୍ଭବ ନୁହେଁ। ଏବେ ମୁହାଁମୁହିଁ ଆମେରିକା ଏବଂ ଇରାନ୍। ତେବେ ଏଠାରେ ଗୋଟଏ ବଡ଼ କଥା ହେଉଛି, ଏଠାରେ ଗୋଟାଏ ମୂଳକଥା ହେଉଛି ଏବଂ ଏଠାରେ ଗୋଟାଏ ଅତି ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଯେ ଇରାନ୍ ଏବଂ ଆମେରିକା ମଧ୍ୟରେ ଯଦି ଯୁଦ୍ଧ ସ୍ଥିତି ସୃଷ୍ଟି ହୁଏ, ତେବେ ପରିସ୍ଥିତି ଯେ କ'ଣ ହେବ, ସେ ବିଷୟରେ କିଛି ବି କହିହେବନାହିଁ। ଇରାନ୍ ରହିବ ତ ? କହିବାର ମାନେ ପୂରାପୁରି ବରବାଦ୍ ହୋଇଯିବ ଇରାନ୍। ମାନେ କି ଇତିହାସ ପାଲଟିଯିବ ଇରାନ୍/ ମାନେ ଭୂଗୋଳରୁ ହଟିଯିବ ଇରାନ୍। ତାହା ତ ସମୟ କହିବ। ତେବେ ସମୟ କିଛି କହିବା ପୂର୍ବରୁ ଆମେ ବି କିଛି କହିବା ଦରକାର, ଆମେ ବି ଆମର ସାଧାରଣ ମତ ରଖିବା ଦରକାର ଏବଂ ସେହି ମତ ହେଉଛି ଯେ ବାଘର ବି ଫାଗକୁ ଭୟ ରହିଛି। ବର୍ତ୍ତମାନ ପରିସ୍ଥିତିରେ ଆମେରିକା ଏବଂ ରୁଷିଆ ମଧ୍ୟରେ ଯେଉଁଳି ଯୁଦ୍ଧ ପରିସ୍ଥିତି ସୃଷ୍ଟି ହୋଇଛି, ଯାହାକୁ ନେଇ ପୂରା ଅଶାନ୍ତ ମଧ୍ୟପ୍ରାଚ୍ୟ। ସେଭଳି ଅଶାନ୍ତ ସ୍ଥିତିରେ କେତେବେଳେ କିଛି ବି ଘଟିପାରେ। ଏବେ ଇରାନ ଉପକୂଳ ଆରବ ସାଗରରେ ନିଜର ସୈନ୍ୟ ସ୍ଥିତି ଧୀରେ ଧୀରେ ସୁଦୃଢ଼ କରୁଛି ଆମେରିକା। ଆମେରିକା ଯେ କି ବିଶ୍ୱର ସର୍ବାଧିକ ପ୍ରଭାବଶାଳୀ ଏବଂ ଶକ୍ତିଶାଳୀ ରାଷ୍ଟ୍ର ଭାବେ ପରିଗଣିତ , ତା'ର ସହିତ କିଏ ବା ଯୁଦ୍ଧ କରିବ ଏବଂ କାହିଁକି ବା କରିବ ? ଯଦି ବା ହୁଏ, ତେବେ ସେ ତ ନିଶ୍ଚୟ ହାରିବ ଅବା ମରିବ। କାରଣ ଆମେରିକା ଅନେକ ପରିମାଣରେ ସେହିଭଳି ମଜବୁତ୍ ସ୍ଥିତିରେ ରହିଛି। ଯାହା ସାରା ବିଶ୍ୱ ଜାଣିଛି। ତଥାପି କିଛି ବି ବୁଝିପାରୁନି ଇରାନ୍ କାରଣ ସେ ବି ତା'ର ସ୍ୱାଭିମାନରେ ଅଟଳ , ସେ ବି ତା'ର ସ୍ୱାଭିମାନରେ ପ୍ରବଳ। ତେବେ କେବଳ ସ୍ୱାଭିମାନରେ କୌଣସି ଯୁଦ୍ଧ ଜିତାଯାଇନପାରେ। ଯୁଦ୍ଧ ପାଇଁ ଦରକାର ସମ୍ପୂର୍ଣ୍ଣ ଏବଂ ସଶକ୍ତ ପୂର୍ବ ପ୍ରସ୍ତୁତି ଯାହା ହୁଏତ ଇରାନ୍ ଏଯାବତ୍ କରିପାରିନି। ଇରାନ୍ ଯେତେ ଯାହା ବି କରୁ, ଇରାନ୍ କେବେ ବି ଆମେରିକା ବିରୋଧରେ ତା'ର ସାମରିକ ପ୍ରସ୍ତୁତିକୁ ପୂର୍ଣ୍ଣରୂପେ ପ୍ରସ୍ତୁତ କରିପାରିନି। ସାମରିକ ଏବଂ ଅର୍ଥନୈତିକ ମାମଲାରେ ତ ଆମେରିକା ଠାରୁ ବହୁ ପଛରେ ଇରାନ୍। ଏଣୁ ଏଭଳି ଯୁଦ୍ଧରେ ଇରାନ୍ ର ପରିସ୍ଥିତି ଯେ କ'ଣ ହେବ କିଏ କହିବ ? ଭୂଗୋଳରୁ ହଟିଯିବନି ତ, ଇତିହାସ ପାଲଟିଯିବନି ତ ଇରାନ। ଆମ ମତରେ ତ କେବେ ବି ନୁହେଁ। କାରଣ ବାଘକୁ ବି ଭୟ ରହିଛି ଫାଗର। ତେବେ ବର୍ତ୍ତମାନର ଆମେରିକା- ଇରାନ ଯୁଦ୍ଧରେ ଇରାନ୍‌ର ପରିସ୍ଥିତି ଯେ ସଙ୍ଗୀନ୍ ହୋଇଯିବ, ତାହା ଏବେଠୁ ଜଳଜଳ ହୋଇ ଦିଶିଲାଣି। ଇରାନ୍ ଆମେରିକା ବିପକ୍ଷ ଯୁଦ୍ଧ ପାଇଁ ନିଜକୁ ନିଜେ ପ୍ରସ୍ତୁତ କରୁଛି ଇରାନ୍। ହୁତୀ - ହମାସ୍ ଭଳି ବିଦ୍ରୋହୀ ଗୋଷ୍ଠୀଙ୍କ ସହଯୋଗ ନେଇ ଇରାନ୍ ଏବେ ଆମେରିକା ବିପକ୍ଷରେ ନିଜକୁ ଯଦିଓ ଯୁଦ୍ଧ ପାଇଁ ପ୍ରସ୍ତୁତ କରୁଛି , ତେବେ ଆମେରିକା-ଇରାନ୍ ଯୁଦ୍ଧରେ ସମଗ୍ର ମଧ୍ୟପ୍ରାଚ୍ୟରେ ଅସ୍ଥିରତା ସୃଷ୍ଟି ହେବାର ଆଶଙ୍କା ନିଶ୍ଚିତ।

# ଅଦୃଶ୍ୟ ଶକ୍ତି

ଦ୍ୱାପର ଯୁଗର ସମୟର କଥା। ସେହି ସମୟରେ ଯେବେ ପାଣ୍ଡବ ଏବଂ କୌରବମାନେ ସେହି ସମୟରେ ରାଜୁତି କରୁଥିଲେ। ସେତେବେଳେ ଶ୍ରୀକୃଷ୍ଣ ଥିଲେ ଯେ କି ମହାଭାରତ ଯୁଦ୍ଧ ପଛର ଅସଲି ମହାନାୟକ। ଏମିତି ତ ସେ ସମୟରେ ଉଭୟ ପାଣ୍ଡବ ଏବଂ କୌରବ ପକ୍ଷର ଅନେକ ଥିଲେ ମହାନାୟକ ହେଲେ ବାସ୍ତବ ପକ୍ଷରେ ଶ୍ରୀକୃଷ୍ଣ ଥାଲେ ପ୍ରକୃତ ମହାନାୟକ। କାରଣ ସେ ସେହିପରି ଥିଲେ ସ୍ୱତନ୍ତ୍ର ଶକ୍ତିର ଅଧିକାରୀ। ଦିନେ ଶ୍ରୀକୃଷ୍ଣ ଯମୁନା ନଦୀ ତଟରେ ବୁଲୁ ବୁଲୁ ଅଚାନକ ତାଙ୍କର ନଜର ପଡ଼ିଲା ନଦୀକୂଳରେ ପଡ଼ିଥିବା ଏକ ପଥର ଉପରେ ଯାହା ଖାଲି ନଥିଲା। ପଥରକୂଳେ ବସିଥିବା ଜଣେ ବାଳକ ଉପରେ ଯେ କି ଗୋଟେ ଧନୁତୀରକୁ ସେହି ପଥର ଉପରେ ବସି ମାଜୁଥିଲା। ତୀରର ମୁନକୁ ଅତିରୁ ଅତି ଧାରୁଆ କରିବାରେ ନିମଗ୍ନ ଥିଲା। ଶ୍ରୀକୃଷ୍ଣଙ୍କ କୌତୁହଳ ବଢ଼ିଚାଲିଲା। ପାଖକୁ ଯାଇ ସେ ପିଲାର ପରିଚୟ ଜାଣିବା ପରେ ଶ୍ରୀକୃଷ୍ଣ ଆହୁରି ଆଗ୍ରହୀ ହୋଇଗଲେ। ସେ ପିଲାଟି ଥିଲେ ମହାଭାରତ ସମୟର ଅନ୍ୟତମ ବୀରଯୋଦ୍ଧା ଭୀମପୁତ୍ର ବେଲାଳସେନ ଯେ କି ଅଠର ଦିନର ମହାଭାରତକୁ ସାରି ଦେଇଥାନ୍ତେ ଗୋଟାଏ ଦିନରେ। ଶ୍ରୀକୃଷ୍ଣ ଏଭଳି କିଛି ଅନୁଭବ କଲେ। ବାଳକର ପରିଚୟ ଜାଣିବା ପରେ କୃଷ୍ଣ ଯେବେ ତାଙ୍କୁ ତୀର ଧାର କରିବାର କାରଣ ପଚାରିଲେ,ସେବେ ବାଳକ ବେଲାଳସେନ ଶ୍ରୀକୃଷ୍ଣଙ୍କୁ ଯାହା ଉତ୍ତର ଦେଇଥିଲେ, ସେଥିରେ ଆଶ୍ଚର୍ଯ୍ୟଚକିତ ହୋଇଯାଇଥିଲେ ଶ୍ରୀକୃଷ୍ଣ। ପ୍ରକୃତରେ ବେଲାଳସେନଙ୍କ ତୀରରେ ଅବା ତାଙ୍କ ମନରେ ସେହିଭଳି କିଛି ଅଦ୍ଭୁତ ଶକ୍ତି ଥିଲା, ଯେ କି ତାଙ୍କର ଏକମାତ୍ର ଧନୁତୀର ବଳରେ ଅଠର ଦିନ ମହାଭାରତ ଯୁଦ୍ଧର ପରିସମାପ୍ତି ଘଟାଇପାରିଥାନ୍ତେ ଯାହା କିନ୍ତୁ ଶ୍ରୀକୃଷ୍ଣଙ୍କ ପାଇଁ ଥିଲା ଅତି ଚିନ୍ତାର ବିଷୟ। କାରଣ ଅଠରଦିନର ଯୁଦ୍ଧ କାଳରେ ସେ ସଖା ଅର୍ଜୁନଙ୍କୁ ମହାଭାରତର ସାରମର୍ମ ଭଗବତ ଗୀତା ଭଳି ପରମଶାସ୍ତ୍ର ମାଧ୍ୟମରେ ଶୁଣାଇବାର ଅଭିଳାଷ ରଖିଛନ୍ତି, ତାହା ଅଧୁରା ରହିଯାଇପାରେ। ସେଣୁ ଶ୍ରୀକୃଷ୍ଣ ଭୀମପୁତ୍ର ବେଲାଳସେନର ପରୀକ୍ଷା ନେବାକୁ ଯାଇ ତା'ର ବୀରତ୍ୱର ଯେଉଁଳି ପରୀକ୍ଷା ନେଲେ ସ୍ୱୟଂ ଶ୍ରୀକୃଷ୍ଣ ବି ବିସ୍ମିତ ହୋଇଗଲେ। ଏଣୁ ଶ୍ରୀକୃଷ୍ଣ ନିଜେ ଯେବେ ସେହି ବାଳକର ବୀରତ୍ୱର ରହସ୍ୟ ବିଷୟରେ ଅନୁଭବ କଲେ ଏବଂ ଜାଣିଲେ ସେ ବି ବିସ୍ମିତ ହେଲେ। କାରଣ ଜାଣି ଯେ କେହି ବି ବିସ୍ମିତ ହେବେ। ବେଲାଳସେନର ତୀରରେ ସେଭଳି ଅଦ୍ଭୁତ ଶକ୍ତି ଥିଲା ଯାହାଦ୍ୱାରା ସେହି ତୀରରେ ସେ ଅଦୃଶ୍ୟ ଶକ୍ତି କିମ୍ବା ଅଦୃଶ୍ୟ ଶତ୍ରୁକୁ ବି ନିମିଷକ ମଧ୍ୟରେ ମାରିପାରିବ। ଏଭଳି ତୀର ଥିଲା ତାଙ୍କ ପାଖରେ।

# ୟୁଜିସି ନିୟମକୁ ନେଇ ବିବାଦ

ଅଧ୍ୟାପକ ଗୋପବନ୍ଧୁ

ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ(ୟୁଜିସି)ର ନୂତନ ନିୟମକୁ ନେଇ ବିବାଦ ତୀବ୍ର ହେବାରେ ଲାଗିଛି। ପ୍ରଥମେ ଏହାକୁ ବାତିଲ କରିବା ପାଇଁ ଆନ୍ଦୋଳନ ହେଲା। ଏବେ ଏହାକୁ କାର୍ଯ୍ୟକାରୀ କରିବା ପାଇଁ ଆନ୍ଦୋଳନ ଆରମ୍ଭ ହୋଇଯାଇଛି। ଦୂରଦର୍ଶନର ବିତର୍କଠାରୁ ଆରମ୍ଭକରି ସାମାଜିକ ଗଣମାଧ୍ୟମ ପର୍ଯ୍ୟନ୍ତ ଆଲୋଚନା ଓ ପର୍ଯ୍ୟାଲୋଚନା ଜୋରସୋରରେ ଚାଲିଛି। ଏହାକୁ ନେଇ ଛାତ୍ରସମାଜ, ଯୁବସମାଜ, ବୁଦ୍ଧିଜୀବି ଓ ଅଲୋଚକମାନେ ଦୁଇ ଭାଗରେ ବିଭକ୍ତ ହୋଇ ଯାଇଛନ୍ତି। ଏହି ନିୟମର ଆବଶ୍ୟକତା କ'ଣ ଥିଲା ଓ ଏଥିରେ କେଉଁ ସମସ୍ତ ବ୍ୟବସ୍ଥା ରହିଛି ତାକୁ ଗଭୀରଭାବେ କେତେଜଣ ଅନୁଧ୍ୟାନ କରିଛନ୍ତି ତାହା ଭିନ୍ନକଥା। ଏମାନଙ୍କ ମଧ୍ୟରୁ ଅଧିକାଂଶ ଜାତିଗତ ଭାବନାକୁ ନେଇ ଆନ୍ଦୋଳନ ଭିତରକୁ ଡେଇଁ ପଡ଼ିଛନ୍ତି। ଅନେକ ସାଧାରଣ ବର୍ଗର ଲୋକ ଭାବୁଛନ୍ତି ଏହା ତାଙ୍କ ବିରୁଦ୍ଧରେ ତାଙ୍କୁ ସଙ୍କୁଚିତ କରିବା ପାଇଁ ଉଦ୍ଦିଷ୍ଟ। ତେଣୁ ଏମାନେ ପ୍ରଥମେ ଏହାକୁ ବିରୋଧ କରିବା ଆରମ୍ଭ କଲେ। ଅବଶ୍ୟ ଏହି ବର୍ଗର ଅନେକ ବିଜ୍ଞ ଓ ଗମ୍ଭିର ଆଲୋଚକ ଏହାକୁ ସମର୍ଥନ କରୁଛନ୍ତି। ଅନ୍ୟପଟେ ପ୍ରାୟତଃ ସମସ୍ତ ସଂରକ୍ଷଣ ସୁବିଧା ଭୋଗୀ ବର୍ଗ ଏହାକୁ ସମର୍ଥନ କରୁଛନ୍ତି ଓ କାର୍ଯ୍ୟକାରିତା ପାଇଁ ଦାବୀ କରୁଛନ୍ତି।

ନୂତନ ୟୁଜିସି ନିୟମ ୨୦୧୨ ମସିହାରେ ପାରିତ ୟୁଜିସି ନିୟମର ପରିବର୍ତ୍ତୀତ ଓ ସମ୍ପ୍ରସାରିତ ରୂପ। ଉଚ୍ଚ ଶିକ୍ଷାନୁଷ୍ଠାନମାନଙ୍କରେ ହେଉଥିବା ଜାତିଗତ ଭେଦଭାବ ଓ ନିର୍ଯ୍ୟାତନାକୁ ରୋକିବା ପାଇଁ ୨୦୧୨ ମସିହାରେ ଏହି ନିୟମ ପାରିତ ହୋଇଥିଲା। ଏହା କେବଳ ଅନୁସୂଚୀତ ଜାତି ଓ ଜନଜାତିମାନଙ୍କ ସୁରକ୍ଷା ପାଇଁ ପାରିତ ହୋଇଥିଲା। କିନ୍ତୁ ଦେଖାଗଲା ଏହି ନିୟମ ଭେଦଭାବ ଓ ନିର୍ଯ୍ୟାତନାକୁ ରୋକିବା ପାଇଁ ଯଥେଷ୍ଟ ନୁହେଁ। ଏହାର କାରଣ ହେଉଛି ନିୟମରେ ଅନେକ ଦୁର୍ବଳତା ରହିଛି। ଅଭିଯୋଗଠାରୁ ଆରମ୍ଭ କରି ଦଣ୍ଡବିଧାନ ପର୍ଯ୍ୟନ୍ତ ସମସ୍ତ ପ୍ରକ୍ରିୟା ଅତ୍ୟନ୍ତ ମନ୍ଥର ଥିଲା। ଉତ୍ତରଦାୟିତ୍ୱ ଉପରେ ସ୍ୱଷ୍ଟତା ନଥିଲା। ଫଳରେ ଅନେକ ଅଭିଯୋଗ ବାଟରେ ଅଟକି ଯାଉଥିଲା। ଭେଦଭାବ ଓ ନିର୍ଯ୍ୟାତନାର ଶୀକାର ଛାତ୍ର କିମ୍ବା ଛାତ୍ରୀ ହତାଶା ମଧ୍ୟରେ ସବୁକିଛି ମୁଣ୍ଡପାତି ସହି ଯାଉଥିଲା କିମ୍ବା ପାଠପଢ଼ା ଛାଡ଼ି ଦେଉଥିଲା ଅଥବା ଅତିଷ୍ଠ ହୋଇ ଆତ୍ମହତ୍ୟା କରୁଥିଲା। ନିୟମ ଥିବା ସତ୍ୱେ ଏପରି ଘଟଣା ବନ୍ଦହେବା ତ ଦୂରର କଥା ଏହା ବଢ଼ିବଢ଼ି ଚାଲିଥିଲା।

ୟୁଜିସି ଦ୍ୱାରା ଉପସ୍ଥାପିତ ତଥ୍ୟ-୨୦୨୫ ଅନୁଯାୟୀ ବିଗତ ବର୍ଷମାନଙ୍କରେ ଜାତିଗତ ଭେଦଭାବ ୧୧୮% ବୃଦ୍ଧି ପାଇଛି। ୨୦୧୯-୨୦ ଶିକ୍ଷାବର୍ଷରେ ୧୭୩ ଟି ଘଟଣା ଘଟିଥିବା ବେଳେ ୨୦୨୩-୨୪ ଶିକ୍ଷାବର୍ଷରେ ଏହା ୩୭୮କୁ ବୃଦ୍ଧି ପାଇଛି। ମୋଟ ୭୦୪ ଟି ବିଶ୍ୱବିଦ୍ୟାଳୟ ଓ ୧୫୫୩ ମହାବିଦ୍ୟାଳୟରେ ୧୧୬୦ ଟି ଅଭିଯୋଗ ଆଗତ ହୋଇଛି। ଏଗୁଡ଼ିକ ମଧ୍ୟରେ ରହିଛି ଜାତି ଆଧାରରେ ହଇରାଣ କରିବା, ଜାତିସୂଚକ ମନ୍ତବ୍ୟ ଦେବା, ଜାତିଗତ ଅଶାଳୀନ ଶବ୍ଦ ପ୍ରୟୋଗ କରିବା, ଜାତି ଯୋଗୁଁ ପୃଥକୀକରଣ, ଶାରିରୀକ ନିର୍ଯାତନା ଇତ୍ୟାଦି। ଏ ସମସ୍ତ କାର୍ଯ୍ୟରେ ଛାତ୍ର, ଶିକ୍ଷକ ଓ ଅନୁଷ୍ଠାନର ପଦାଧିକାରୀଗଣ ସମ୍ପୃକ୍ତ ଥିବାର ଅଭିଯୋଗ ରହିଛି। ସବୁଠାରୁ ବଡ ଅଭିଯୋଗ ହେଉଛି ପରୀକ୍ଷା ମୂଲ୍ୟାୟନ ଓ ନିଯୁକ୍ତି କ୍ଷେତ୍ରରେ ମଧ୍ୟ ଜାତିଗତ ଭେଦଭାବ ରହିଛି। ପରୀକ୍ଷାରେ ଅନଗ୍ରସର ଜାତିର ଛାତ୍ରଛାତ୍ରୀଙ୍କୁ ଜାଣିଶୁଣି କମ ନମ୍ବର ଦେବା ଓ ବିଶ୍ୱବିଦ୍ୟାଳୟ ସ୍ତରୀୟ ନିଯୁକ୍ତିରେ ଏମାନଙ୍କୁ ବିଭିନ୍ନ ଆଳରେ କାଟିବା ଏହାର ଅନ୍ତର୍ଗତ ଅଟେ। ପରୀକ୍ଷା କ୍ଷେତ୍ରରେ ଜାତିଗତ ଅନୁଗ୍ରହ ଯୋଗୁଁ ଅଧିକ ନମ୍ବର ଦେବା ଓ ଜାତିଗତ ବିଦ୍ୱେଷ ଯୋଗୁଁ କମ୍ ନମ୍ବର ଦେବା ମଧ୍ୟ ଅଭିଯୋଗର ଅନ୍ତର୍ଗତ ଅଟେ।

ନିଯୁକ୍ତିରେ ଜାତିଗତ ବାଛବିଚାରର ମୁଖ୍ୟଅସ୍ତ୍ର ସାଜିଛି 'ନଟ ଫାଉଣ୍ଡ ସୁଇଟେବୁଲ'(ଏନଏଫଏସ), ଅର୍ଥାତ ଯୋଗ୍ୟ ପ୍ରାର୍ଥୀଙ୍କ ଅଭାବ। ଫଳରେ ଅନଗ୍ରସର ବର୍ଗ ଅନ୍ତର୍ଗତ ଅନୁସୂଚୀତ ଜାତି ଓ ଜନଜାତି ଏବଂ ଅନ୍ୟାନ୍ୟ ପଛୁଆବର୍ଗମାନେ ଖୁବକମ୍ ସ୍ଥାନରେ ସହଯୋଗୀ ପ୍ରଫେସର ଓ ପ୍ରଫେସର ପଦରେ ଅଛନ୍ତି। ୪୫ ଟି କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ୩୮ ଟିରେ ଅଗ୍ରସର ଜାତିର ଲୋକମାନେ ଭିସି ଅଛନ୍ତି, ଅବଶିଷ୍ଟ ୭ ଟିରେ ଅନଗ୍ରସର ବର୍ଗର( ୧ ଟିରେ ଦଳିତ, ୧ ଟିରେ ଆଦିବାସୀ ଓ ୫ ଟିରେ ଅନ୍ୟାନ୍ୟ ପଛୁଆବର୍ଗର ଲୋକ ରହିଛନ୍ତି)। କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ମାନଙ୍କରେ ପ୍ରଫେସର ପଦରେ ୬.୯% ଦଳିତ, ୧.୫% ଆଦିବାସୀ ଓ ୪.୧% ଓବିସି ଅଛନ୍ତି। ସହଯୋଗୀ ପ୍ରଫେସର ପଦରେ ମଧ୍ୟ ସମାନ ଅବସ୍ଥା। କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ବାଦେ ଅନ୍ୟାନ୍ୟ ବିଶ୍ୱବିଦ୍ୟାଳୟର ଚିତ୍ର ପାଖାପାଖି ସମାନ। ଉଚ୍ଚଶିକ୍ଷା ନିଯୁକ୍ତି କ୍ଷେତ୍ରରେ ଜାତିଗତ ପାତରଅନ୍ତର କରା ଯାଉଥିବାର ଅଭିଯୋଗ ହୋଇଆସିଛି। ଏହାର ମୁଖ୍ୟ ଅସ୍ତ୍ର ବନିଛି ଯୋଗ୍ୟ ପ୍ରାର୍ଥୀର ଅଭାବ(ଏନଏଫଏସ) ଜନିତ ରିପୋର୍ଟ୍। ୟୁଜିସି ତଥ୍ୟ ଅନୁଯାୟୀ ପ୍ରୋଫେସର ପଦରେ ସଂରକ୍ଷିତ ବର୍ଗର ଅନୁମୋଦିତ ପଦରୁ ୮୦% ଓବିସିଙ୍କ, ୮୩% ଏସଟିଙ୍କ ଓ ୬୪% ଏସସିଙ୍କ ଫାଙ୍କା ରହିଛି। ଅନ୍ୟାନ୍ୟ ଉଚ୍ଚ ଶିକ୍ଷାନୁଷ୍ଠାନରେ ସମାନ ଅବସ୍ଥା।

୨୦୧୮ ରୁ ୨୦୨୩ ମସିହା ମଧ୍ୟରେ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ମାନଙ୍କରେ ୨୫ ଜଣ ଛାତ୍ରଛାତ୍ରୀ ଆତ୍ମହତ୍ୟା କରିଛନ୍ତି। ଅନ୍ୟାନ୍ୟ କେନ୍ଦ୍ରୀୟ ଅନୁଦାନପ୍ରାପ୍ତ ଶିକ୍ଷାନୁଷ୍ଠାନ ଗୁଡିକ ମିଶି ମୋଟ ୯୮ ଜଣ ଛାତ୍ରଛାତ୍ରୀ ଆତ୍ମହତ୍ୟା କରିଛନ୍ତି। ଏମାନଙ୍କ ମଧ୍ୟରୁ ସଂଖ୍ୟାଧିକ ଏସଟି, ଏସସି ଓ ଓବିସି ବର୍ଗର। ପରିବାର ତରଫରୁ ଅଭିଯୋଗ ଯେ ଶିକ୍ଷାନୁଷ୍ଠାନରେ ହେଉଥିବା ଭେଦଭାବ ଓ ଏଥିପାଇଁ ପାଇଥିବା ମାନସିକ ଯନ୍ତ୍ରଣା ଯୋଗୁଁ ତାଙ୍କ ପିଲା ଆତ୍ମହତ୍ୟା କରିଛି। ତେବେ ଶିକ୍ଷାନୁଷ୍ଠାନ ତରଫରୁ ଏହାକୁ ଶିକ୍ଷାର ଚାପ ଓ ବ୍ୟକ୍ତିଗତ କାରଣ ବୋଲି ଦର୍ଶାଯାଇଛି। ଜାତିଗତ ଭେଦଭାବ ଯୋଗୁଁ ୨୦୧୬ ମସିହାରେ ହାଇଦ୍ରାବାଦ ବିଶ୍ୱବିଦ୍ୟାଳୟର ପିଏଚଡି ଛାତ୍ର ରୋହିତ ଭେମୁଲାଙ୍କ ଆତ୍ମହତ୍ୟା, ୨୦୧୯ ମସିହାରେ ବମ୍ବେର ଡାକ୍ତରୀ ଛାତ୍ରୀ ପାୟଲ ତଡ଼ଭିଙ୍କ ଆତ୍ମହତ୍ୟା, ୨୦୨୩ ମସିହାରେ ଆଇଆଇଟି ବମ୍ବେର ଛାତ୍ର ଦର୍ଶନ ସୋଲାଙ୍କିଙ୍କ ଆତ୍ମହତ୍ୟା ପରି ଆଉ କେତେକ ଘଟଣା ଦେଶରେ ଚର୍ଚ୍ଚା ପରିସରକୁ ଆସିଥିଲା। ଏଥିରୁ ପ୍ରମାଣିତ ହୋଇଥିଲା ଯେ ୨୦୧୨ ମସିହାରେ ପାରିତ ହୋଇଥିବା ୟୁଜିସି ନିୟମ ଅନୁସୂଚୀତ ଜାତି ଓ ଜନଜାତିର ଛାତ୍ରଛାତ୍ରୀଙ୍କୁ ଜାତିଗତ ଭେଦଭାବରୁ ସୁରକ୍ଷା ଦେବାପାଇଁ ଯଥେଷ୍ଟ ନୁହେଁ। ଏମାନଙ୍କ ବାଦେ ଓବିସି ଓ ମହିଳାମାନେ ମଧ୍ୟ ଭେଦଭାବର ଶୀକାର ହେଉଥିବା ଘଟଣା ନଜରକୁ ଆସିଥିଲା।

ତେଣୁ ମାନ୍ୟବର ସର୍ବୋଚ୍ଚ ନ୍ୟାୟାଳୟ ଏ ସମ୍ବନ୍ଧୀୟ କେଶର ଶୁଣାଣି କରି ମାର୍ଚ୍ଚ ୨୫, ୨୦୨୫ ରେ କେନ୍ଦ୍ର ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ ଏକ କାର୍ଯ୍ୟକ୍ଷମ ଓ ପାରଦର୍ଶୀ ନିୟମ ପ୍ରଣୟନ କରିବା ପାଇଁ। ଏହାକୁ କେନ୍ଦ୍ର ସରକାର ଗୁରୁତ୍ୱର ସହିତ ନେଇ ନୂତନ ୟୁଜିସି ନିୟମ ବିଗତ ଜାନୁଆରୀ ୧୩ ତାରିଖ ଦିନ ପାରିତ କରିଥିଲେ। ଏହି ନିୟମର ପରିସରକୁ ଅନୁସୂଚୀତ ଜାତି ଓ ଜନଜାତି ସହିତ ଓବିସି, ମହିଳା, ଦିବ୍ୟାଙ୍ଗ ଓ ଅର୍ଥନୈତିକ ଭାବେ ଦୁର୍ବଳ ଶ୍ରେଣୀକୁ ମଧ୍ୟ ଅଣା ଯାଇଛି। ନୂତନଭାବେ ଅନ୍ତର୍ଭୁକ୍ତ ଗୋଷ୍ଠୀମାନେ ମଧ୍ୟ ଭେଦଭାବର ଶୀକାର ହେଉଥିବା କଥା ସରକାର ଅନୁଭବ କରିଛନ୍ତି। ୨୦୨୬ ନିୟମ ଅନୁଯାୟୀ ପ୍ରତ୍ୟେକ ଅନୁଷ୍ଠାନ ଇଓସି(ସମାନ ସୁଯୋଗ କେନ୍ଦ୍ର) ଖୋଲିବେ ଓ ତଦାରଖ ପାଇଁ କମିଟି ଗଠନ କରିବେ ଭେଦଭାବକୁ ପ୍ରତିହତ କରିବା ପାଇଁ। ଯେଉଁ କମିଟିରେ ଉଲ୍ଲେଖିତ ସମସ୍ତ ବର୍ଗର ପ୍ରତିନିଧି ରହିବେ। ସର୍ବଦା ଅନଲାଇନ ସହଯୋଗ ପ୍ରକୋଷ୍ଠ ଖୋଲା ରହିବ। ୨୪ ଘଣ୍ଟା ମଧ୍ୟରେ ଅଭିଯୋଗ ଚୁଡାନ୍ତ ହେବ। ୧୫ ଦିନ ମଧ୍ୟରେ ଇନଭେଷ୍ଟିଗେସନ ସମାପ୍ତ ହେବ। କୌଣସି ବ୍ୟତିକ୍ରମ ପାଇଁ ଅନୁଷ୍ଠାନର ମୁଖ୍ୟ ଉତ୍ତରଦାୟୀ ରହିବେ। ପଦଚ୍ୟୁତ ହେବାର ଓ ଅନୁଷ୍ଠାନ ୟୁଜିସି ମାନ୍ୟତା ହରାଇବାର ସମ୍ଭାବନା ରହିବ।

ଅଗ୍ରସର ବର୍ଗର ଛାତ୍ରଛାତ୍ରୀମାନଙ୍କ ଉପରେ ଏହି ନିୟମ ଉଦ୍ଦେଶ୍ୟମୂଳକ ଭାବେ ପ୍ରୟୋଗ ହେବ ବୋଲି ଆଶଙ୍କା କରି ଏହି ନିୟମର ପ୍ରତ୍ୟାହାର ପାଇଁ ଆନ୍ଦୋଳନ ଆରମ୍ଭ ହେଲା। ବିଭିନ୍ନ ସ୍ଥାନରେ ପ୍ରଦର୍ଶନ ହେଲା। ଏହାକୁ ତଥାକଥିତ ଉଚ୍ଚଜାତିଙ୍କ ବିରୁଦ୍ଧରେ ଷଡଯନ୍ତ୍ର ବୋଲି ମିଥ୍ୟା ପ୍ରଚାର କରାଗଲା। କେନ୍ଦ୍ର ଉଚ୍ଚ ଶିକ୍ଷାମନ୍ତ୍ରୀ ଶ୍ରୀଯୁକ୍ତ ଧର୍ମେନ୍ଦ୍ର ପ୍ରଧାନ ଏହା ଉପରେ ସ୍ପଷ୍ଟିକରଣ ଦେଇ କହିଛନ୍ତି ଯେ ନିୟମର ଦୁରୁପୋଯଗ ହେବାକୁ ଦିଆଯିବ ନାହିଁ। ମିଥ୍ୟା ଅଭିଯୋଗ ଉପରେ ମଧ୍ୟ କୋଠର ପଦକ୍ଷେପ ବ୍ୟବସ୍ଥା ନିୟମରେ ରହିଛି। ଏହାପରେ ମଧ୍ୟ ବିରୋଧ ଆନ୍ଦୋଳନ ଥମିଲା ନାହିଁ। ଆନ୍ଦୋଳନ ଚାପରେ ଉଚ୍ଚତମ ନ୍ୟାୟାଳୟ ଏହା ଉପରେ ସଂଜ୍ଞାନ ନେଇ ଏହାର କାର୍ଯ୍ୟକାରିତା ଉପରେ ଜାନୁୟାରୀ ୨୯ ତାରିଖ ଦିନ ରୋକ୍ ଲଗାଇଛନ୍ତି ଓ ୨୦୧୨ ମସିହାର ନିୟମ ବଳବୋତ୍ତର ରହିବ ବୋଲି କହିଛନ୍ତି। ଏହାପରେ ଦେଶରେ ଏହି ନୂତନ ନିୟମର କାର୍ଯ୍ୟକାରିତା ସପକ୍ଷରେ ଆନ୍ଦୋଳନ ଆରମ୍ଭ ହୋଇଯାଇଛି। ଅନଗ୍ରସର ବର୍ଗ ନିୟମର ରୋକକୁ ଓ ଏହି ନିୟମର ବିରୋଧକୁ ନେଇ ଉତକ୍ଷିପ୍ତ। ଏମାନଙ୍କ ଅଭିଯୋଗ ଯେ ଯେଉଁମାନେ ଭାବୁଛନ୍ତି ଅନଗ୍ରସର ବର୍ଗ ଓ ମହିଳାଙ୍କ ଉପରେ ଅତ୍ୟାଚାର କରିବା ତାଙ୍କ ସାମାଜିକ ଅଧିକାର, ଯେଉଁମାନେ ନିଜକୁ ଶ୍ରେଷ୍ଠ ଓ ଅନ୍ୟକୁ ନିକୃଷ୍ଟ ବୋଲି ଭାବନ୍ତି, ଯେଉଁମାନେ ସମାନତାରେ ବିଶ୍ୱାସ କରନ୍ତି ନାହିଁ, ସେମାନେ ନୂତନ ନିୟମକୁ ବିରୋଧ କରୁଛନ୍ତି। ଏ ପ୍ରକାର ବିରୋଧ ଯୁକ୍ତିସଙ୍ଗତ ନୁହେଁ। ସୁସ୍ଥ ଶୈକ୍ଷିକ ବାତାବରଣ ପାଇଁ ଏହା ଆବଶ୍ୟକ।

ସାମ୍ପ୍ରତିକ ଅବସ୍ଥାରେ ଏହି ନିୟମକୁ ବିରୋଧ ଓ ଏହାକୁ ସମର୍ଥନ କରିବାକୁ ନେଇ ସମାଜ ଦୁଇଟି ଜାତିଗତ ଶିବିରରେ ପରିଣତ ହୋଇଛି। ଏହା କ୍ରମେ ଜାତିଗତ ବିବାଦ ଆଡକୁ ଗତିକରୁଛି, ଯାହା ଆଦୌ ସମୀଚୀନ ନୁହେଁ। ସମସ୍ତ ବିବାଦର ଉର୍ଦ୍ଧରେ ସମସ୍ତ ଦେଶବାସୀଙ୍କୁ ବିଚାର କରିବାକୁ ପଡିବ ସର୍ବୋଚ୍ଚ ନ୍ୟାୟାଳୟର ନିର୍ଦ୍ଦେଶକ୍ରମେ କିପରି ଏକ କୋଠର ଓ ପାରଦର୍ଶୀ ନିୟମ କର୍ଯ୍ୟକାରୀ ହୋଇପାରିବ। ଯେଉଁମାନେ ଉଚ୍ଚ ଶିକ୍ଷାନୁଷ୍ଠାନ ମାନଙ୍କରେ ଜାତିଗତ, ଲିଙ୍ଗଗତ, ଅଞ୍ଚଳଗତ ଓ ଧର୍ମଗତ ଭେଦଭାବକୁ ନିଜ ସାମାଜିକ ଅଧିକାର ବୋଲି ଭାବୁଛନ୍ତି ତାଙ୍କ ଉପରେ କୋଠର କାର୍ଯ୍ୟନୁଷ୍ଠାନ ହେବା ଜରୁରୀ। ଉଚ୍ଚ ଶିକ୍ଷାନୁଷ୍ଠାନରେ ଯଦି ସମାନତା ଓ ଆଦର୍ଶଗତ ବାତାବରଣ ରହିବ ନାହିଁ ତାହାହେଲେ ଆଉ କେଉଁଠାରୁ ଆଶା କରାଯିବ। ଭେଦଭାବ ସୃଷ୍ଟିକାରୀ କୌଣସି ଦୋଷୀ ଖସିନଯାନ୍ତୁ ଓ କୌଣସି ନିର୍ଦ୍ଦୋଷୀ ଦଣ୍ଡ ନପାଆନ୍ତୁ, ଏହାହିଁ ନୂତନ ୟୁଜିସି ନିୟମର ଆଭିମୁଖ୍ୟ ହେଉ। ଜାତିଗତ ଭାବନାର ଉର୍ଦ୍ଧ୍ୱରେ ସମସ୍ତ ପ୍ରକାର ଭେଦଭାବକୁ ପ୍ରତିହତ କରିବା ପାଇଁ ଏପରି ଏକ କୋଠର ନିୟମ ଯେ ଅତ୍ୟାବଶ୍ୟକ ଏହା ସମସ୍ତେ ଉପଲବ୍ଧି କରିବା ଉଚିତ୍। ଏହାହିଁ ସମସ୍ତ ବିବାଦ ସମାଧାନର ସୂତ୍ର ହେବ।

ବାରିପଦା, ମୟୂରଭଞ୍ଜ, ମୋ. ୭୦୦୮୯୭୬୧୮୦
(ଅବସରପ୍ରାପ୍ତ), ଦର୍ଶନ ବିଭାଗ

# ଦୋଳ ଉତ୍ସବ

ଡକ୍ଟର ତପନ କୁମାର ପାଲ

ଫଗୁଣ ମାସର ପୂର୍ଣ୍ଣିମା ଦୋଳ ପୂର୍ଣ୍ଣିମା ଭାବେ ଓଡ଼ିଶାରେ ଲୋକପ୍ରିୟ। ଏହି ପର୍ବରେ ଦୋଳଗୋବିନ୍ଦ ନାମରେ ପୂଜା ପାଆନ୍ତି ପ୍ରଭୁ ଶ୍ରୀଜଗନ୍ନାଥ। ପୁରାଣରେ ଏହା ବସନ୍ତୋତ୍ସବ ନାମରେ ପ୍ରସିଦ୍ଧ। ପ୍ରଭୁ ମଦନଙ୍କ ସମ୍ମାନରେ ଉତ୍ସବ ପାଳନ କରାଯାଉଥିବାରୁ କେତେକ ଶାସ୍ତ୍ରରେ ଏହାକୁ ମଦନୋତ୍ସବ ବୋଲି କୁହାଯାଇଛି। ପରେ ଏହା ଦୋଳୋତ୍ସବ ନାମରେ ଲୋକପ୍ରିୟ ହୋଇଛି। ଅର୍ଥାତ୍ ଶ୍ରୀକୃଷ୍ଣଙ୍କ ପାଇଁ ଏ ପର୍ବ। ଅନେକ ପୁରାଣରେ ଦୋଳୋତ୍ସବ ବିଷୟରେ ବର୍ଣ୍ଣନା କରାଯାଇଛି। ପଦ୍ମ ପୁରାଣ ଅନୁଯାୟୀ ଶ୍ରୀକୃଷ୍ଣଙ୍କ ଦୋଳି ଖେଳ ଦେଖିଥିବା ବ୍ୟକ୍ତିର ସମସ୍ତ ପାପ ନାଶ ହୁଏ। କୁହାଯାଏ ପୁରାଣ ଯୁଗରେ ହିରଣ୍ୟକଶ୍ୟପ ନାମକ ରାକ୍ଷସ ପୃଥିବୀ ଉପରେ ରାଜୁତି କରୁଥିଲା। ସେ ନିଜକୁ ସ୍ୱର୍ଗ-ମର୍ତ୍ତ୍ୟ-ପାତାଳର ରାଜା ବୋଲି ଦାବି କରୁଥିଲା ଏବଂ ନିଜକୁ ପୂଜା କରିବାକୁ ତ୍ରିଭୁବନବାସୀଙ୍କୁ ବାଧ୍ୟ କରୁଥିଲା। କିନ୍ତୁ ତା'ର ପୁତ୍ର ପ୍ରହଲ୍ଲାଦ ଭଗବାନ ନାରାୟଣଙ୍କର ପରମ ଭକ୍ତ ଥିଲା। ସେଥିପାଇଁ ସେ ହିରଣ୍ୟକୁ ପୂଜା କରିବାକୁ ରାଜି ହେଲାନାହିଁ। ପ୍ରହଲ୍ଲାଦକୁ ହତ୍ୟା କରିବା ପାଇଁ ହିରଣ୍ୟ ଅନେକ ଚେଷ୍ଟା କଲା, କିନ୍ତୁ ସଫଳ ହେଲାନାହିଁ। ଶେଷରେ ଭଉଣୀ ହୋଲିକାକୁ ସେ ଏହି ଦାୟିତ୍ୱ ପ୍ରଦାନ କଲା। ହୋଲିକା ଅଗ୍ନି ଭିତରେ ପ୍ରହଲ୍ଲାଦକୁ କୋଳରେ ଧରି ବସିଲା। ପ୍ରହଲ୍ଲାଦ ବିଷ୍ଣୁ ନାମ ଉଚ୍ଚାରଣ କରି ରକ୍ଷା ପାଇଲା। ହୋଲିକାଙ୍କ ନାମରୁ ହୋଲି ଶବ୍ଦ ଆସିଥିବା କୁହାଯାଏ। ଅଧର୍ମ ଉପରେ ଧର୍ମର ବିଜୟ ପ୍ରତୀକ ସ୍ୱରୂପ ଏହି ପର୍ବ ପାଳିତ ହୁଏ। ଏ ଅବସରରେ ଗ୍ରାମାଞ୍ଚଳରେ ସଂକୀର୍ତ୍ତନ ମଣ୍ଡଳୀମାନେ ଦୋଳ ବିମାନରେ ରାଧାକୃଷ୍ଣଙ୍କୁ ବୁଲାନ୍ତି। ଘରେ ଘରେ ବିମାନ ଅଟକାଇ ଦୋଳ ଠାକୁରଙ୍କୁ ଭୋଗ ଲାଗି କରାଯାଏ। ଚାରି ଦିନ ଧରି ଏହି ପର୍ବ ପାଳିତ ହୁଏ, ଯାହା ଚାଚେରୀ ରୂପେ ପରିଚିତ। ଶେଷ ଦିନ ଅର୍ଥାତ୍ ପୂର୍ଣ୍ଣିମା ଦିନ ଆନନ୍ଦଉଲ୍ଲାସରେ ପାଳନ କରାଯାଏ ଦୋଳ ଉତ୍ସବ।ହୋଲି ସାଧାରଣତଃ ଏକ ଜାତୀୟ ଗଣ ପାର୍ବଣ। ପ୍ରାୟତଃ ରଙ୍ଗ ଖେଳର ହୋଲି ଛୁଟି ଜାତୀୟ ସରକାରୀ ଓ ବେସରକାରୀ ଛୁଟି ଭାବେ ପରିଚିତ। ବର୍ତ୍ତମାନ କେବଳ ଗାଁରେ ନୁହେଁ ସହରରେ ଥିବା ରାଧାକୃଷ୍ଣଙ୍କ ମନ୍ଦିର ବା ମଠ ମାନଙ୍କର ରାଧାକୃଷ୍ଣଙ୍କ ମୂର୍ତ୍ତି ବିମାନରେ ବୁଲୁଛନ୍ତି। କଟକ ସହରର ହଜାର ବର୍ଷର ପରିଚୟ ଭିତରେ ଦୋଳ ବିମାନ ଯାତ୍ରା କମ୍ ସ୍ମୃତିମୟ ନୁହେଁ। ପାଞ୍ଚଦିନର ଦୋଳବିମାନ ଯାତ୍ରା ଶେଷରେ ପଞ୍ଚଦୋଳରେ ହିଁ ଶେଷ ହୋଇଥାଏ। ସେ ସମୟର ଅବିର ବର୍ତ୍ତମାନ ବି ରହିଛି ହେଲେ କେହି କେହି ଆଧୁନିକ ରଙ୍ଗ ଟିକେ ମିଶାଇ ଦେଇଥାନ୍ତି। ହୋଲି ପର୍ବ ଭାଇଚାରାର ପର୍ବ, ଏହା ଆନନ୍ଦ ଉଲ୍ଲାସର ପାର୍ବଣ କହିଲେ ଅତ୍ୟୁକ୍ତି ହେବନାହିଁ। ଆସନ୍ତୁ ପବିତ୍ର ହୋଲି ଅବସରରେ ନିଜ ସତ୍ କର୍ମମୟ ଜୀବନକୁ ସେବାର ପୂଣ୍ୟତାରେ କର୍ମମୟ କରି ଗଢ଼ି ତୋଳିବା ଏହା ହିଁ ପବିତ୍ର ହୋଲି ଉତ୍ସବର ଅନ୍ତର୍ନିହିତ ତାତ୍ପର୍ଯ୍ୟ।

ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ,
ଷ୍ଟାଫ କଲୋନୀ, ଦେଉଳ ସାହି,
ତୁଳସୀପୁର, କଟକ
E-mail : paltapankumar007@gmail.com

# ପ୍ରେମ ଓ ଫଲ୍‌ଗୁ ଯାତ୍ରା : ଦୋଳଯାତ୍ରା

ଡ଼ଃ.ଅରୁନ୍ଧତୀ ଦେବୀ

ଆଜକୁ ଆଠ ଶହ ବର୍ଷ ତଳୁ ଓଡ଼ିଶାରେ ଦୋଳଯାତ୍ରା ପାଳିତ ହୋଇ ଆସୁଛି। ଏହା କେବଳ ଓଡ଼ିଶାର ଆଞ୍ଚଳିକ ପର୍ବ ନୁହେଁ, ସମଗ୍ର ଭାରତ ଓ ଭାରତ ବାହାରେ ଥିବା ଆଧ୍ୟାତ୍ମିକ ଶ୍ରଦ୍ଧାଳୁ ଓ କୃଷ୍ଣ ଭକ୍ତମାନେ ମହାସମାରୋହରେ ଏହାକୁ ପାଳନ କରିଥାନ୍ତି। ପୁରାଣବିତ୍‌ଙ୍କ ମତରେ ଏପରି ପରମ୍ପରାର ଆରମ୍ଭ ଅନନ୍ତ ଯୁଗରୁ। କିନ୍ତୁ ବିଧିବଦ୍ଧ ଭାବରେ ଦ୍ୱାପର ଯୁଗରୁ ଶୁଭାରମ୍ଭ ହୋଇଥିଲା। କୋଟି କୋଟି ବର୍ଷ ଧରି ଈଶ୍ୱର ପ୍ରାପ୍ତି ନିମନ୍ତେ ତପସ୍ୟାରେ ମଗ୍ନ ମୁନିଋଷିମାନେ ଭଗବାନ ଶ୍ରୀ ନାରାୟଣଙ୍କ ଆଶିଷରୁ ଗୋପନାରୀ ଭାବେ ଜନ୍ମଲାଭ କରିଥିଲେ। ସେମାନଙ୍କ ମନସ୍କାମନା ପୂରଣ କରିବା ନିମନ୍ତେ ଭଗବାନ ଶ୍ରୀନାରାୟଣ ଗୋପପୁରରେ ଶ୍ରୀକୃଷ୍ଣ ଭାବରେ ପ୍ରତ୍ୟକ୍ଷ ଲୀଳା ରଚନା କରିଥିଲେ। ଭଗବାନ ଶ୍ରୀକୃଷ୍ଣଙ୍କ ପ୍ରେମରେ ବିଭୋର ଗୋପାଙ୍ଗନାମାନେ କେତେବେଳେ ଭକ୍ତିର ରଙ୍ଗରେ ମଜିଯାଉଥିଲେ ତ ପୁଣି କେତେବେଳେ ଭଗବାନ ଶ୍ରୀକୃଷ୍ଣ ସେମାନଙ୍କ ଦେହରେ ଆଶିଷର ରଙ୍ଗ ବୋଳି ସାରା ଜଗତରେ ଭକ୍ତିମୟ ପରିବେଶ ସୃଷ୍ଟି କରୁଥିଲେ। ଏହା ହିଁ ମହାରାସ ନାମରେ ସର୍ବତ୍ର ବିଦିତ। ଦ୍ୱାପର ଯୁଗର ପବିତ୍ର ମହାରାସକୁ ପୁଣି ଥରେ ମନେପକାଇ ଦେବା ଲାଗି ପ୍ରତିବର୍ଷ ଧରାପୃଷ୍ଠରେ ପାଳିତ ହୋଇଥାଏ ଦୋଳଯାତ୍ରା। ଏହି ଯାତ୍ରାଟି ପାଞ୍ଚଦିନ ପାଇଁ ପାଳିତ ହୋଇ ପଞ୍ଚଦୋଳ ନାମରେ ନାମିତ ହୋଇ ଏହାର ପରିସମାପ୍ତି ହୋଇଥାଏ । ରାଜ୍ୟର କିଛି ସ୍ଥାନରେ ନବଦୋଳ ଭାବରେ ନଅଦିନ ବ୍ୟାପୀ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥାଏ । ଏପରିକି ସାତଦିନ ଓ ଦଶଦିନ ଧରି ଦୋଳଯାତ୍ରା କିଛି ସ୍ଥାନରେ ଆୟୋଜିତ ହୋଇଥାଏ । ଫାଲ୍‌ଗୁନ ଶୁକ୍ଳ ତିଥି ଠାରୁ ଦୋଳଯାତ୍ରା ସାଧାରଣତଃ ଆରମ୍ଭ ହୋଇଥାଏ ଏହି ପର୍ବର ମୁଖ୍ୟ ଆରାଧ୍ୟ ପ୍ରେମମୟ ରାଧା ଓ କୃଷ୍ଣଙ୍କ ନିକଟରେ ଭକ୍ତି ନୈବେଦ୍ୟ ପୂର୍ବକ ଅଭିର ଅର୍ପଣ କରାଯାଇଥାଏ । ରାଜ୍ୟ ଓ ରାଜ୍ୟ ବାହାରର ବିଭିନ୍ନ ରାଧାକୃଷ୍ଣ ମନ୍ଦିରରେ ଦୋଳଯାତ୍ରା ଉତ୍ସବ ମୁଖରିତ ହୋଇଉଠିଥାଏ । ଭକ୍ତର ପ୍ରେମରେ ବନ୍ଧା ପ୍ରେମମୟ କୃଷ୍ଣ ରାଧାଙ୍କ ସହିତ ଭଗବାନ ଯେ ସବୁବେଳେ ଭକ୍ତଙ୍କର ଏହାକୁ ପ୍ରତିପାଦିତ କରିବା ପାଇଁ ତାଙ୍କରି ଅଗଣିତ ଭକ୍ତଙ୍କ ଦ୍ୱାରରେ ପହଞ୍ଚି ଯାଆନ୍ତି । ରଥଯାତ୍ରାରେ ମହାପ୍ରଭୁ ଜଗନ୍ନାଥ ନିଜ ସିଂହାସନ ବାହାରେ ଭକ୍ତବୃନ୍ଦଙ୍କୁ ଦର୍ଶନ ଦେଇ ତାଙ୍କୁ କୋଳେଇ ନେବାର ଯେଉଁ ଅପୂର୍ବ ଭକ୍ତପ୍ରତି ପ୍ରେମଭାବନା ପ୍ରତିପାଦିତ କରିଥାନ୍ତି ଠିକ୍ ସେହିପରି ପ୍ରେମମୟ ଶ୍ରୀକୃଷ୍ଣ ଭକ୍ତମାନଙ୍କ ଠାରୁ ଭୋଗ ନେବା ପାଇଁ ଦୋଳଉତ୍ସବ ବେଳେ ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ଭକ୍ତ ମାନଙ୍କ ନିକଟକୁ ଯାଆନ୍ତି ଓ ଜଣେ ଅତିଥି ପରି ନୈବେଦ୍ୟ ଗ୍ରହଣ କରି କୃପା ପ୍ରଦାନ କରିଥାନ୍ତି । ଦୋଳଯାତ୍ରା ବା ହୋଲି ଏକ ଭାରତୀୟ ପର୍ବ ଏବଂ ଅଇଘରା ବା ଦେବଅଗ୍ନି ପ୍ରଥା ମଧ୍ୟ ଭାରତର ସର୍ବତ୍ର ପ୍ରଚଳିତ । ଦୋଳପୂର୍ଣ୍ଣିମା ଦିନ ସାଧାରଣତଃ ଠାକୁରମାନଙ୍କ ମନ୍ଦିରର ଦକ୍ଷିଣ ପୂର୍ବ ଦିଗରେ ନିର୍ମିତ ହୋଇଥିବା ଏକ ମଣ୍ଡପ ଉପରକୁ ନିଆଯାଇଥାଏ ଯାହାର ନାମ ଥାଏ ଦୋଳମଣ୍ଡପ । ସେଠାରେ ପ୍ରେମମୟ କୃଷ୍ଣଙ୍କୁ ପୂଜାର୍ଚ୍ଚନା ସହ ଭକ୍ତମାନେ ଭକ୍ତିନୈବେଦ୍ୟ ସ୍ୱରୂପ ଦୋଳି ଖେଳାଇ ନାଲି ଅଭିର ଅର୍ପଣ କରିଥାନ୍ତି । ଦୋଳଯାତ୍ରା ହେଉଛି ମହାପ୍ରଭୁ ଶ୍ରୀକୃଷ୍ଣଙ୍କ ସହିତ ଲୀଳାଖେଳା ରଚିଥିବା ଗୋପାଳ ଜାତିର ପରିବାରଙ୍କ ପାଇଁ ଏକ ପବିତ୍ର ଦିବସ । ଗୋମାତାର ଜନ୍ମ ଦିବସ ରୂପେ ଦୋଳପୂର୍ଣ୍ଣିମାକୁ ହିନ୍ଦୁ ପୁରାଣ ଶାସ୍ତ୍ର ଗ୍ରହଣ କରିନେଇଛି । ଭକ୍ତକବି ଅଚ୍ୟୁତାନନ୍ଦ ଦାସଙ୍କ ହରିବଂଶର ତୃତୀୟଖଣ୍ଡରେ କବି ଲେଖିଛନ୍ତି 'ଯଶୋଦା ବୋଇଲେ ବାବୁ ଶୁଣରେ ଆତ୍ମଜ, ଗାଈମାନଙ୍କ ବନ୍ଧାଣ ଅଟେ ଆମ୍ଭ ଆଜ । ଗୋମାତାଙ୍କ ଜନ୍ମଦିନ ଅଟଇ ଯୁକତେ, ତେଣୁ କରି ଗୋପ ଲୋକେ ଗମନ୍ତି ଉଷତେ ।' ଦୋଳ ପୂର୍ଣ୍ଣିମା ଦିନ ରାତିରେ ଠାକୁରମାନଙ୍କ ମିଳନ ହୋଇଥାଏ । ପ୍ରତିଦିନ ଭିନ୍ନ ଭିନ୍ନ ଗ୍ରାମରେ ଠାକୁରମାନଙ୍କୁ ମେଲଣ ପଡ଼ିଆକୁ ନିଆଯିବାର ଦୃଶ୍ୟ ଅତ୍ୟନ୍ତ ଚମତ୍କାର ଓ ଚିତାକର୍ଷକ । ପାଟପଟୁଆର, ରୋଷଣୀ, ଲୁପ୍ତପ୍ରାୟ ଲୋକନୃତ୍ୟ, ସଂକୀର୍ତ୍ତନ ପୂର୍ବକ ଶ୍ରୀକୃଷ୍ଣଙ୍କ ବନ୍ଦନା ସହ ଖୋଳକୀର୍ତ୍ତନ ଭିତରେ ବିମାନରେ ପ୍ରେମମୟ ଶ୍ରୀକୃଷ୍ଣ ଅତ୍ୟନ୍ତ ବିମୋହିତ ଭାବରେ ଭକ୍ତଙ୍କ ସହିତ ସତେଯେପରି ଏକାକାର ହୋଇଯାଆନ୍ତି । ଓଡ଼ିଶାର ବିଭିନ୍ନ ମେଲଣ ଭିତରେ ଧର୍ମଶାଳର ମୁନସୀମେଲଣ, ପଞ୍ଚୁପାଣ୍ଡବ ସନ୍ନିକଟ ଓଳକଣା ମେଲଣ ଓ ଗ୍ରାମାଞ୍ଚଳରେ ବେଶ ଲୋକପ୍ରିୟ ହୋଇଥିବା ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ ପଲାଇ ଗ୍ରାମର ଅଙ୍କୁରା ମେଲଣ ସହ ଗାଁ ମାଟିର ଗୃହ ଦେବତା ପ୍ରେମମୟ ରାଧାକାନ୍ତ ମଦନ ମୋହନଙ୍କୁ ନେଇ ବର୍ଷ ବର୍ଷ ଧରି ସ୍ୱର୍ଗତଃ ଡାକ୍ତର ବୈକୁଣ୍ଠନାଥ ଭୂୟାଁଙ୍କ ଆୟୋଜନରେ ପ୍ରତିବର୍ଷ ହୁଏ ଭୂୟାଁ ମେଲଣ । ଦୋଳଯାତ୍ରାର ଅନ୍ୟତମ ପ୍ରଧାନ ବିଭବ ହୋଲି ବା ରଙ୍ଗ ଖେଳ । ବର୍ଷ ବର୍ଷ ଧରି ଓଡ଼ିଶାରେ ଦୋଳଯାତ୍ରା ଓ ଫଗୁର ବିଶେଷତାକୁ ନେଇ ଜଣେ ବିଶିଷ୍ଟ କୃଷ୍ଣପ୍ରେମୀଙ୍କୁ ନେଇ ଗବେଷକ ଡକ୍ଟର ଆର.ଏଲ.ମିତ୍ର ତାଙ୍କ - "The Antiquities of Odisha" ଲେଖିଛନ୍ତି 'The red powder (Abir) is largely thrown on them, and every one in the assembled crowd indulges in throwing the powder on his neighbours. The other rituals of the ceremony are observed before Jagannatha Himself in the sanctuaroy' ରାଧାକୃଷ୍ଣଙ୍କୁ ଦୋଳ ଉତ୍ସବରେ ପୂଜା କରିବାର ଅର୍ଥ ଶ୍ରୀକୃଷ୍ଣଙ୍କ ସହ ଶତସହସ୍ର ଗୋପୀ ନାରୀଙ୍କ ଲୀଳାକୁ ଆନ୍ତରିକତାର ସହିତ ସମ୍ମାନ ପ୍ରଦର୍ଶନ କରିବା । ଦୋଳ ଯାତ୍ରାର ସ୍ମୃତି ମୋ ପିଲାଦିନରୁ ରହିଛି। ସେତେବେଳେ ଆଜିକା ସମୟ ପରି ଆଲୁଅର ଆକର୍ଷଣୀୟ ଯାତ୍ରା ନଥିଲା। ଗୋପାଳମାନେ ଠାକୁରଙ୍କୁ କାନ୍ଧେଇ ଘରକୁ ଘର ବୁଲାଇ ନେଉଥିଲେ। ଖୁବ୍ ହେଲେ ଲଣ୍ଠନ ନ ହେଲେ ଶୁଖିଲା କପଡ଼ା ଗୁଡ଼ା ହୋଇ ଜଡ଼ାତେଲର ବଡ଼ ବଡ଼ ଦୀପ ବଳିଠା। ପରମ ପ୍ରେମମୟ ମହାପ୍ରଭୁ ଶ୍ରୀକୃଷ୍ଣ ତାଙ୍କ ଅଗଣିତ କୃଷ୍ଣପ୍ରେମୀ ମାନଙ୍କୁ ଶୁଭାଶ୍ରୀର୍ବାଦ ଦେଇ ସେମାନଙ୍କ ଭିତରେ ଶୋଭନୀୟର ଫଲ୍‌ଗୁର ଧାରା ପ୍ରବାହିତ କରନ୍ତୁ ଏହା ହିଁ ପ୍ରେମମୟ ଶ୍ରୀକୃଷ୍ଣଙ୍କ ପାଖରେ ପ୍ରାର୍ଥନା ।

ନିର୍ଦ୍ଦେଶିକା ଓ ସମ୍ପାଦିକା,
ଆନ୍ତର୍ଜାତୀୟ ଅଶୋଭନୀୟତା ନିରୋଧ ଆନ୍ଦୋଳନ, କଟକ,
ଦୂରଭାଷ : ୯୯୩୭୧୭୨୮୧୦

# ବୃଦ୍ଧ ବାପା-ମା'ଙ୍କ ସାହାରା ଆଜି ମରଣ ସହ ସଂଗ୍ରାମରେ

## ଦୁଇ କିଡନୀ ଅକାମୀ; ୨୦ ଲକ୍ଷ ଟଙ୍କା ଅଭାବରେ ଜୀବନ-ମୃତ୍ୟୁର ସନ୍ଧିକ୍ଷଣରେ ୨୭ ବର୍ଷୀୟ ହେମନ୍ତ

**ଚିକିଟି,୩।୭ :** ପୁଅ ଜନ୍ମ ହେଲେ ବାପା-ମା'ଙ୍କ ଆଖିରେ ଅଙ୍କୁରିତ ହୁଏ ଅସଂଖ୍ୟ ସ୍ୱପ୍ନ । ବୃଦ୍ଧାବସ୍ଥାରେ ସେହି ପୁଅ ହିଁ ହେବ ସାହାରା, ଦୁଃଖ-ଦୁର୍ଦ୍ଦଶାରେ ଧରିବ ହାତ, ଅଭାବର ସଂସାରକୁ ହସରେ ଭରିଦେବ—ଏହି ଆଶାରେ ସେମାନେ ଜୀବନ ବିତାନ୍ତି । କିନ୍ତୁ ଭାଗ୍ୟର ନିଷ୍ଠୁର ପରିହାସ ସେହି ସ୍ୱପ୍ନକୁ ମୁହୂର୍ତ୍ତକେ ଚୂର୍ଣ୍ଣବିଚୂର୍ଣ୍ଣ କରିଦିଏ । ଆଜି ସେଭଳି ଏକ ହୃଦୟବିଦାରକ କାହାଣୀ ସମଗ୍ର ଅଞ୍ଚଳକୁ ସ୍ତବ୍ଧ କରିଦେଇଛି । ଗଞ୍ଜାମ ଜିଲ୍ଲା ଚିକିଟୀ ବ୍ଲକର କେ. ନୂଆଗାଁ ଗ୍ରାମର ରଙ୍କ ପ୍ରଧାନଙ୍କ ୨୭ ବର୍ଷୀୟ ଯୁବକ ହେମନ୍ତ କୁମାର ପ୍ରଧାନ ଆଜି ମରଣ ସହ ସଂଗ୍ରାମ କରୁଛନ୍ତି । ସରକାରଙ୍କ 'ମୋ ବ୍ୟାଙ୍କ' ପ୍ରକଳ୍ପରେ କିଛି ମାସ କାମ କରି ନିଜ ଗୋଡ଼ରେ ଠିଆ ହେବାର ସ୍ୱପ୍ନ ଦେଖୁଥିବା ହେମନ୍ତଙ୍କ ଜୀବନ ହଠାତ୍ ଦୁଇ ବର୍ଷ ତଳେ ଅନ୍ଧକାରକୁ ଠେଲି ଦିଆଯାଇଥିଲା । ସାମାନ୍ୟ ଅସୁସ୍ଥତା ପରେ ଚିକିତ୍ସା ପାଇଁ ଯିବା ସମୟରେ ବିଭିନ୍ନ ପରୀକ୍ଷାରୁ ଜଣାପଡ଼ିଲା ଯେ ତାଙ୍କର ଦୁଇଟି କିଡନୀ ସମ୍ପୂର୍ଣ୍ଣ ଭାବେ ଅକାମୀ ହୋଇଯାଇଛି । ଏହି ଖବର ଶୁଣିବା ପରେ ବୃଦ୍ଧ ବାପା-ମା'ଙ୍କ ପାଦତଳରୁ ମାଟି ଖସିଯାଇଥିଲା । ଯେଉଁ ପୁଅକୁ ନେଇ ସେମାନେ ଭବିଷ୍ୟତର ସ୍ୱପ୍ନ ଦେଖିଥିଲେ, ସେହି ପୁଅକୁ ବଞ୍ଚାଇବା ପାଇଁ ଏବେ ହସ୍ପିଟାଲରୁ ହସ୍ପିଟାଲ ଦୌଡ଼ୁଛନ୍ତି । ଅତ୍ୟନ୍ତ ଦରିଦ୍ର ପରିବାର । ମୁଣ୍ଡ ଗୁଞ୍ଜିବାକୁ ଖଣ୍ଡିଏ ଘର ଛଡ଼ା ଆଉ କୌଣସି ସମ୍ପତ୍ତି ନାହିଁ । ହାଡ଼ଭଙ୍ଗା ପରିଶ୍ରମ କଲେ ହିଁ ଦୁଇ ଓଳି ଦୁଇ ମୁଠା ଖାଦ୍ୟ ଯୋଗାଡ଼ ହୁଏ । ଏଭଳି ଅବସ୍ଥାରେ ପୁଅର ଚିକିତ୍ସା ଖର୍ଚ୍ଚ ବହନ କରିବା ସେମାନଙ୍କ ପାଇଁ ଅସମ୍ଭବ ହୋଇପଡ଼ିଛି । ସବୁଠାରୁ ମାର୍ମିକ ଦୃଶ୍ୟ ହେଉଛି—ନିଜ ପୁଅକୁ ବଞ୍ଚାଇବା ପାଇଁ ମା' ନିଜର ଗୋଟିଏ କିଡନୀ ଦେବାକୁ ପ୍ରସ୍ତୁତ । କିନ୍ତୁ କିଡନୀ ପ୍ରତିରୋପଣ ପାଇଁ ପ୍ରାୟ ୨୦ ଲକ୍ଷ ଟଙ୍କା ଆବଶ୍ୟକ ବୋଲି ଜାଣିବା ପରେ ଦରିଦ୍ର ବାପା-ମା' ସମ୍ପୂର୍ଣ୍ଣ ଭାବେ ଭାଙ୍ଗି ପଡ଼ିଛନ୍ତି । ସେମାନଙ୍କ ପାଇଁ ଏହି ବିପୁଳ ଅର୍ଥରାଶି ସଂଗ୍ରହ କରିବା କେବଳ ସ୍ୱପ୍ନ ହୋଇ ରହିଯାଇଛି । ହେମନ୍ତଙ୍କୁ ସୁସ୍ଥ କରିବା ପାଇଁ ପରିବାର ଲୋକେ ଅନେକ ଡାକ୍ତରଙ୍କ ଶରଣାପନ୍ନ ହୋଇଛନ୍ତି । ସରକାରୀ ସ୍ୱାସ୍ଥ୍ୟ କାର୍ଡର ସୀମା ଶେଷ ହୋଇଯାଇଛି । ବନ୍ଧୁ, ସାଙ୍ଗସାଥୀ ଓ ଗ୍ରାମବାସୀଙ୍କ ସହଯୋଗରେ ମିଳିଥିବା ସମସ୍ତ ଅର୍ଥ ମଧ ଚିକିତ୍ସାରେ ଶେଷ ହୋଇସାରିଛି । ବର୍ତ୍ତମାନ ହେମନ୍ତଙ୍କୁ ବଞ୍ଚାଇବା ପାଇଁ ସପ୍ତାହକୁ ଦୁଇରୁ ତିନିଥର ନିୟମିତ ଡାୟାଲିସିସ୍ ଅତ୍ୟାବଶ୍ୟକ । କିନ୍ତୁ ଆର୍ଥିକ ଅଭାବ ଏପରି ଚରମ ସୀମାରେ ପହଞ୍ଚିଛି ଯେ, ଡାୟାଲିସିସ୍ ତ ଦୂରର କଥା, ହସ୍ପିଟାଲ ଯିବା-ଆସିବା ଖର୍ଚ୍ଚ ଯୋଗାଡ଼ କରିବା ମଧ ପରିବାର ପକ୍ଷରେ ସମ୍ଭବ ହେଉନାହିଁ । ଫଳରେ ଅର୍ଥାଭାବ ହିଁ ତାଙ୍କ ଚିକିତ୍ସାର ସବୁଠୁ ବଡ଼ ବାଧକ ସାଜିଛି । ଯେଉଁ ଯୁବକ ଦିନେ ବୃଦ୍ଧ ବାପା-ମା'ଙ୍କ ଜୀବନର ଆଶାର ଦୀପ ଥିଲେ, ଆଜି ସେହି ଦୀପ ଲିଭିଯିବାର ଉପକ୍ରମ । ତେଣୁ ଜଣେ ଉଦୀୟମାନ ଯୁବକଙ୍କ ଜୀବନ ବଞ୍ଚାଇବା ଏବଂ ଅସହାୟ ବୃଦ୍ଧ ବାପା-ମା'ଙ୍କ ଆଖିରୁ ଲୁହ ପୋଛିବା ପାଇଁ ସରକାର, ଜିଲ୍ଲା ପ୍ରଶାସନ, ସ୍ଥାନୀୟ ଜନପ୍ରତିନିଧି ଓ ସମାଜର ସହୃଦୟ ବ୍ୟକ୍ତିମାନଙ୍କୁ ଆଗକୁ ଆସି ସହାୟତାର ହାତ ବଢ଼ାଇବାକୁ ହେମନ୍ତଙ୍କ ପରିବାର ଏବଂ ଗ୍ରାମବାସୀ କୋହଭରା କଣ୍ଠରେ ନିବେଦନ କରିଛନ୍ତି । ସମୟୋଚିତ ସହାୟତା ମିଳିଲେ ହୁଏତ ମୃତ୍ୟୁର ଦ୍ୱାରଦେଶରୁ ଫେରି ଆସିପାରିବେ ହେମନ୍ତ, ଆଉ ପୁଣିଥରେ ବୃଦ୍ଧ ବାପା-ମା'ଙ୍କ ଜୀବନରେ ଫେରିଆସିବ ଆଶାର ଆଲୋକ ।




# ଆହାର କେନ୍ଦ୍ର ସମ୍ମୁଖରେ ଗୋବର, ଦୁର୍ଗନ୍ଧ ଓ ମୃତ ଗାଈ

## ରୋଗୀ ଓ ସମ୍ପର୍କୀୟଙ୍କ ମଧ୍ୟରେ ଅସନ୍ତୋଷ

**କୋରାପୁଟ,୩।୭ :** କୋରାପୁଟ ସହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସ୍ପିଟାଲ ପରିସରରେ ଥିବା ଆହାର କେନ୍ଦ୍ର ସମ୍ମୁଖରେ ଅବ୍ୟବସ୍ଥାର ଚିତ୍ର ଏବେ ଚିନ୍ତାର କାରଣ ପାଲଟିଛି । ଆହାର କେନ୍ଦ୍ର ନିକଟସ୍ଥ ପାର୍କିଂ ସେଡ୍‌ରେ ଗାଈ-ଗୋରୁଙ୍କ ଅବାଧ ବିଚରଣ, ଚାରିଆଡ଼େ ଗୋବରର ଆସ୍ତରଣ ଏବଂ ଏକ ମୃତ ଗାଈ ପଡ଼ି ରହିଥିବାରୁ ସମଗ୍ର ପରିବେଶ ଦୁର୍ଗନ୍ଧମୟ ହୋଇପଡ଼ିଛି । ଏହାର ସିଧାସଳଖ ପ୍ରଭାବ ରୋଗୀ, ସେମାନଙ୍କ ସମ୍ପର୍କୀୟ ଏବଂ ଆହାର କେନ୍ଦ୍ରକୁ ଆସୁଥିବା ସାଧାରଣ ଲୋକଙ୍କ ଉପରେ ପଡୁଛି । ଅଭିଯୋଗ ଅନୁଯାୟୀ, ପାର୍କିଂ ସେଡ୍‌ଟି ଗାଈ-ଗୋରୁଙ୍କ ଆଶ୍ରୟସ୍ଥଳୀରେ ପରିଣତ ହୋଇଥିବା ବେଳେ ନିୟମିତ ସଫେଇର ଅଭାବ ଯୋଗୁଁ ଅପରିଷ୍କାର ପରିବେଶ ସୃଷ୍ଟି ହୋଇଛି । ଆହାର କେନ୍ଦ୍ରରେ ଖାଦ୍ୟ ଗ୍ରହଣ କରିବାକୁ ଆସୁଥିବା ରୋଗୀଙ୍କ ସମ୍ପର୍କୀୟମାନେ ଦୁର୍ଗନ୍ଧ ମଧ୍ୟରେ ଖାଦ୍ୟ ଖାଇବାକୁ ବାଧ ହେଉଥିବା କହି ଅସନ୍ତୋଷ ପ୍ରକାଶ କରିଛନ୍ତି । ବର୍ଷା ଋତୁରେ ଏଭଳି ଅପରିଷ୍କାର ପରିବେଶ ରୋଗର ଆଶଙ୍କା ବଢ଼ାଇପାରେ ବୋଲି ସଚେତନ ମହଲ ମତ ପ୍ରକାଶ କରିଛନ୍ତି । ସମାଜସେବୀ ରମେଶ ଖରା ପୌରପରିଷଦ ଏବଂ ସମ୍ପୃକ୍ତ ବିଭାଗକୁ ତୁରନ୍ତ ସଫେଇ କାର୍ଯ୍ୟ କରିବା ସହ ଗାଈ-ଗୋରୁଙ୍କ ଅବାଧ ବିଚରଣ ରୋକିବାକୁ ଦାବି କରିଛନ୍ତି । ସେପଟେ ହସ୍ପିଟାଲର ଜଣେ କାର୍ଯ୍ୟରତ ଡାକ୍ତର କହିଛନ୍ତି ଯେ, କେବଳ ପ୍ରଶାସନ ନୁହେଁ, ହସ୍ପିଟାଲକୁ ଆସୁଥିବା ଲୋକମାନେ ମଧ ଅଳିଆ ଆବର୍ଜନା ଏଣେତେଣେ ନ ପକାଇବା, ପାନ-ଗୁଟଖା ଖାଇ ଛେପ ନ ପକାଇବା ଭଳି ସଚେତନ ଆଚରଣ କରିବା ଆବଶ୍ୟକ । ପ୍ରଶାସନ ଓ ସାଧାରଣ ଲୋକଙ୍କ ମିଳିତ ସହଯୋଗରେ ହସ୍ପିଟାଲ ପରିସରକୁ ସ୍ୱଚ୍ଛ ଓ ସୁରକ୍ଷିତ ରଖାଯାଇପାରିବ ବୋଲି ସେ ମତ ପ୍ରକାଶ କରିଛନ୍ତି ।



# ସାପ କାମୁଡ଼ାରେ ଚାଲିଗଲା ଚାଷୀଙ୍କ ଜୀବନ



**ଫୁଲନଖରା,୩।୭ :** କଟକ ସଦର ଅଞ୍ଚଳର ୪୨ ମୌଜା ଅନ୍ତର୍ଗତ ବଉଳକୂଦ ଗ୍ରାମର ଜଣେ ପରିଶ୍ରମୀ ଚାଷୀ ସନାତନ ଦାସ (୫୧)ଙ୍କ ସର୍ପ ଦଂଶନରେ ମୃତ୍ୟୁ ଘଟିଥିବା ଘଟଣା ସମଗ୍ର ଅଞ୍ଚଳରେ ଶୋକର ଛାୟା ଖେଳାଇ ଦେଇଛି । ସୂଚନା ଅନୁଯାୟୀ, ସନାତନ ଦାସ ନିଜ ଚାଷ କାମ ପାଇଁ ବିଲକୁ ଯାଇଥିବା ବେଳେ ଅସାବଧାନତାବଶତଃ ଏକ ବିଷଧର ସାପ ତାଙ୍କୁ ଦଂଶନ କରିଥିଲା । ଗୁରୁତର ଅବସ୍ଥାରେ ପରିବାର ଓ ସ୍ଥାନୀୟ ଲୋକେ ତାଙ୍କୁ ତୁରନ୍ତ କଟକସ୍ଥିତ ଏସ୍.ସି.ବି. ମେଡିକାଲ କଲେଜ ଓ ହସ୍ପିଟାଲକୁ ନେଇଥିଲେ । ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ସନାତନଙ୍କ ଅକାଳ ବିୟୋଗରେ ତାଙ୍କ ପତ୍ନୀ ଓ ଦୁଇ ଝିଅଙ୍କ ଉପରେ ଦୁଃଖର ପାହାଡ଼ ଭାଙ୍ଗି ପଡ଼ିଛି । ପରିବାରର ଏକମାତ୍ର ରୋଜଗାରକ୍ଷମ ବ୍ୟକ୍ତିଙ୍କୁ ହରାଇ ସମଗ୍ର ପରିବାର ଅସହାୟ ହୋଇପଡ଼ିଛି । ତାଙ୍କ ମୃତ୍ୟୁ ଖବର ପାଇ ବଡ଼ ଭାଇ ଅଜୁ ଦାସ ଓ ବିଜୟ ଦାସଙ୍କ ସମେତ ସମସ୍ତ ପରିବାର ସଦସ୍ୟ ଭାଙ୍ଗିପଡ଼ିଥିଲେ । ମୃତଦେହ ଗ୍ରାମକୁ ପହଞ୍ଚିବା ପରେ ଶେଷ ଦର୍ଶନ ପାଇଁ ଶହ ଶହ ଗ୍ରାମବାସୀଙ୍କ ଭିଡ଼ ଜମିଥିଲା । ଗ୍ରାମର ମୁରବି ସୁବୋଧ ଦେବତା, ସନ୍ତୋଷ ବେହେରା, ନୂର ବେହେରା, ଶରତ ଦେବତା, ତାପସ ଦେବତା, ଦିଲ୍ଲୀପ ପତି, ଅରୁଣ ଦାସ, ବସନ୍ତ କୁମାର ଦେବତା, ଅନିଲ ଦାସ, ରଘୁ ଦାସ, ରବୀନ୍ଦ୍ର ଦେବତା, ସୁକାନ୍ତ ଦାସ, ତ୍ରୈଲୋକ୍ୟ କାଣ୍ଡି, ବାବୁ ଦାସ, ପ୍ରଶାନ୍ତ ଦେବତାଙ୍କ ସମେତ ବିଶିଷ୍ଟ ସମାଜସେବୀ ଆର୍ତ୍ତ ରଞ୍ଜନ ବିଶ୍ୱାଳ ଉପସ୍ଥିତ ରହି ମୃତ ଆତ୍ମାର ସଦ୍ଗତି କାମନା କରିବା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ପରେ ଗ୍ରାମ ଶ୍ମଶାନରେ ସମସ୍ତ ଧାର୍ମିକ ରୀତିନୀତି ଅନୁଯାୟୀ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା । ମୃତକଙ୍କ ପୁତୁରା ସାଗର ଦାସ ମୁଖାଗ୍ନି ପ୍ରଦାନ କରିଥିଲେ । ସନାତନ ଦାସଙ୍କ ଅକାଳ ବିୟୋଗରେ ସମଗ୍ର ବଉଳକୂଦ ଗ୍ରାମରେ ଶୋକର ଛାୟା ଖେଳିଯାଇଛି । ଗ୍ରାମବାସୀ ତାଙ୍କୁ ଜଣେ ପରିଶ୍ରମୀ, ମିଷ୍ଟଭାଷୀ ଓ ମିଳନସାର ଚାଷୀ ଭାବେ ସ୍ମରଣ କରିବା ସହ ଶୋକସନ୍ତପ୍ତ ପରିବାରକୁ ସରକାରୀ ସହାୟତା ଓ ଆର୍ଥିକ ସହଯୋଗ ଯୋଗାଇ ଦେବାକୁ ଦାବି କରିଛନ୍ତି ।

## ଦ୍ୱିତୀୟ ଥର ଠାବ ବଡ଼ ମାଓ ଡମ୍ପ

# ବିପୁଳ ଅସ୍ତ୍ରଶସ୍ତ୍ର ଓ ବିସ୍ଫୋରକ ଜବତ

**କୋରାପୁଟ,୩।୭ :** କୋରାପୁଟ ଜିଲ୍ଲାର ବୋଇପାରିଗୁଡ଼ା ଥାନା ଅନ୍ତର୍ଗତ ତେନ୍ତୁଲିଗୁମା ଜଙ୍ଗଲରୁ ପୁଣି ଏକ ବଡ଼ ମାଓ ଡମ୍ପ ଠାବ କରିଛନ୍ତି ସୁରକ୍ଷା ବାହିନୀ । ଡିଭିଏଫ୍, ଏସଓଜି ଓ ବିଏସଏଫ୍‌ର ମିଳିତ କମ୍ବିଂ ଅପରେସନ୍ ବେଳେ ବିପୁଳ ପରିମାଣର ଅସ୍ତ୍ରଶସ୍ତ୍ର, ବିସ୍ଫୋରକ ଓ ମାଓବାଦୀଙ୍କ ବ୍ୟବହାର ସାମଗ୍ରୀ ଜବତ କରାଯାଇଛି । ଏହି ସଫଳତାକୁ କୋରାପୁଟ ଜିଲ୍ଲାରେ ନକ୍ସଲ ବିରୋଧୀ ଅଭିଯାନର ଆଉ ଏକ ବଡ଼ ସଫଳତା ବୋଲି ପୋଲିସ କହିଛି । ସୂଚନା ଅନୁଯାୟୀ, ସର୍ଚ୍ଚ ଅପରେସନ୍ ସମୟରେ ମାଟି ତଳେ ଲୁଚାଇ ରଖାଯାଇଥିବା ଏହି ଡମ୍ପରୁ ୬ଟି ଦେଶୀ ବନ୍ଧୁକ, ଗୋଟିଏ ପିସ୍ତଲ, ୨୦ରୁ ଅଧିକ ଜୀବନ୍ତ ଗୁଳି, ଟିଫିନ୍ ବୋମା, ଜେଲାଟିନ୍ ଷ୍ଟିକ୍, ବିଦ୍ୟୁତ ତାର, ଫ୍ଲାଶଲାଇଟ୍, ବିଭିନ୍ନ ବିସ୍ଫୋରକ ସାମଗ୍ରୀ ଏବଂ ମାଓବାଦୀ ପୁସ୍ତିକା ଜବତ କରାଯାଇଛି । ପୋଲିସର ପ୍ରାଥମିକ ତଦନ୍ତ ଅନୁଯାୟୀ, ଉଦ୍ଧାର ହୋଇଥିବା ସାମଗ୍ରୀ ଆନ୍ଧ୍ର-ଓଡ଼ିଶା ସୀମା ସ୍ୱତନ୍ତ୍ର ଜୋନାଲ କମିଟି (ଇଡଂଇଝଡଉ)ର ମାଓ କ୍ୟାଡରଙ୍କର ହୋଇଥିବା ସନ୍ଦେହ କରାଯାଉଛି । ଗତ ୨୨ ଜୁନରେ ବାଦଲିପାହାଡ଼ ଜଙ୍ଗଲରୁ ଏକ ବଡ଼ ମାଓ ଡମ୍ପ ଉଦ୍ଧାର ହୋଇଥିବାବେଳେ, ମାତ୍ର ୧୧ ଦିନ ବ୍ୟବଧାନରେ ପୁଣି ଏଭଳି ବଡ଼ ଡମ୍ପ ଠାବ ହେବା ସୁରକ୍ଷା ବାହିନୀ ପାଇଁ ଆଉ ଏକ ଉଲ୍ଲେଖନୀୟ ସଫଳତା ବୋଲି ପୋଲିସ ପକ୍ଷରୁ କୁହାଯାଇଛି । ନକ୍ସଲ କାର୍ଯ୍ୟକଳାପକୁ ସମ୍ପୂର୍ଣ୍ଣ ରୋକିବା, ଜଙ୍ଗଲ ଅଞ୍ଚଳରେ ଲୁଚାଇ ରଖାଯାଇଥିବା ଅସ୍ତ୍ରଶସ୍ତ୍ର ଓ ବିସ୍ଫୋରକ ସାମଗ୍ରୀ ଠାବ କରିବା ପାଇଁ ଡିଭିଏଫ୍, ଏସଓଜି ଓ ବିଏସଏଫ୍‌ର ମିଳିତ କମ୍ବିଂ ଅପରେସନ୍ ଜାରି ରହିଛି । ଏହି ଅଭିଯାନ ଆଗାମୀ ଦିନରେ ମଧ ଅଧିକ ଜୋରଦାର ଭାବେ ଜାରି ରହିବ ବୋଲି କୋରାପୁଟ ଏସପି ରୋହିତ ବର୍ମା ସୂଚନା ଦେଇଛନ୍ତି ।



## ଟେଙ୍ଗା ଧରି ମଦ ବିରୋଧରେ ମହିଳାଙ୍କ ରଣହୁଙ୍କାର

# ମଦ ବନ୍ଦ ଦାବିରେ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ଶତାଧିକ ମହିଳା

**କୋରାପୁଟ, ୩।୭ :** କୋରାପୁଟ ଜିଲ୍ଲାର କୁନ୍ଦ୍ରା ବ୍ଲକ ଅନ୍ତର୍ଗତ ପୁପୁଗାଁ ଗ୍ରାମ ପଞ୍ଚାୟତରେ ବେଆଇନ ମଦ କାରବାର ବିରୋଧରେ ଶତାଧିକ ମହିଳା ହାତରେ ଟେଙ୍ଗା ଧରି ପ୍ରତିବାଦ କରିଛନ୍ତି । ସେମାନେ କୋରାପୁଟ ଜିଲ୍ଲାପାଳଙ୍କୁ ଭେଟି ଦେଶୀ ଓ ବିଦେଶୀ ମଦର ବିକ୍ରି ସମ୍ପୂର୍ଣ୍ଣ ବନ୍ଦ କରିବା ସହ ବେଆଇନ ଚୋରା ମଦ କାରବାର ଉପରେ ତୁରନ୍ତ କଠୋର ପଦକ୍ଷେପ ନେବାକୁ ଦାବି ଜଣାଇଛନ୍ତି । ମହିଳାମାନଙ୍କ ଅଭିଯୋଗ ଅନୁସାରେ, ପୁପୁଗାଁ ପଞ୍ଚାୟତରେ ଦୀର୍ଘଦିନ ଧରି ବେଆଇନ ଭାବେ ଦେଶୀ ଓ ବିଦେଶୀ ମଦ ବିକ୍ରି ସହ ଚୋରା ମଦ ପ୍ରସ୍ତୁତି ଚାଲିଛି । ବିଭିନ୍ନ ଭାଟିରୁ ଗାଁକୁ ଗାଁ ମଦ ଯୋଗାଣ ହେଉଥିବାରୁ ଯୁବପିଢ଼ି ନିଶାଗ୍ରସ୍ତ ହେଉଛନ୍ତି ଏବଂ ଏହାର କୁପ୍ରଭାବ ପରିବାର ଓ ସମାଜ ଉପରେ ପଡୁଛି । ମଦ୍ୟପାନ ଯୋଗୁଁ ଘରୋଇ ହିଂସା, ପାରିବାରିକ ଅଶାନ୍ତି, ଆର୍ଥିକ ସଙ୍କଟ ଓ ସଡ଼କ ଦୁର୍ଘଟଣା ବୃଦ୍ଧି ପାଉଥିବା ବେଳେ ମହିଳା ଓ ଶିଶୁମାନେ ସର୍ବାଧିକ ପ୍ରଭାବିତ ହେଉଥିବା ସେମାନେ କହିଛନ୍ତି । ଗତ ତିନି ମାସ ଧରି ପୋଲିସ ଓ ପ୍ରଶାସନକୁ ବାରମ୍ବାର ଜଣାଇଥିଲେ ମଧ କୌଣସି ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯାଇନଥିବାରୁ ବାଧ ହୋଇ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଥିବା ସେମାନେ କହିଛନ୍ତି । ତୁରନ୍ତ ପଦକ୍ଷେପ ନ ନିଆଗଲେ ସରକାରୀ ସ୍ୱୀକୃତି ପ୍ରାପ୍ତ ମଦ ଭାଟି ଭାଙ୍ଗିବାକୁ ବାଧ ହେବେ ବୋଲି ଚେତାବନୀ ଦେଇଛନ୍ତି । ଏହି ପ୍ରସଙ୍ଗରେ ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ କହିଛନ୍ତି ଯେ, ଚୋରା ମଦ ସ୍ୱାସ୍ଥ୍ୟ ପାଇଁ ଅତ୍ୟନ୍ତ କ୍ଷତିକାରକ । ବେଆଇନ ମଦ କାରବାର ବିରୋଧରେ ପୂର୍ବରୁ ଚଢ଼ାଉ ଜାରି ରହିଛି ଏବଂ ଆଗାମୀ ଦିନରେ ମଧ କଠୋର ଅଭିଯାନ ଚାଲିବ । ସରକାରୀ ଅନୁମତିପ୍ରାପ୍ତ ମଦ ବ୍ୟବସାୟୀମାନେ ନିୟମ ଉଲ୍ଲଂଘନ କଲେ ସେମାନଙ୍କ ବିରୋଧରେ ମଧ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ ସ୍ପଷ୍ଟ କରିଛନ୍ତି । ଏବେ ମହିଳାମାନଙ୍କ ଦାବି ପରେ ପ୍ରଶାସନ କେତେ ଶୀଘ୍ର ଓ କେତେ ଫଳପ୍ରଦ ପଦକ୍ଷେପ ନେଉଛି, ତାହା ଉପରେ ସମସ୍ତଙ୍କ ନଜର ରହିଛି ।



# ବନ ମହୋତ୍ସବ ଅବସରରେ ପରିବେଶ, ବନ ଓ ଜଳବାୟୁ ପରିବର୍ତ୍ତନ ପ୍ରୋତ୍ସାହନ

**ବଣାଇଁ,୩।୭ :** ରାଉରକେଲା ପରିଷଦର ଓଡ଼ିଶା ମଡ୍ୟୁଲ ପକ୍ଷରୁ ସେକ୍ଟର-୧୩ ଜେଟିସିସି କ୍ଲବ ପରିସରରେ ଏକ ବୃକ୍ଷରୋପଣ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା । ଏହି କାର୍ଯ୍ୟକ୍ରମର ମୁଖ୍ୟ ଅତିଥି ଭାବେ ଶ୍ରୀ ରବିକାନ୍ତ ମୀଣା (ଆଇଏଫଏସ), ଡିଏଫଓ, ରାଉରକେଲା ଯୋଗ ଦେଇଥିଲେ । ଏହି ଅବସରରେ ପରିବେଶ, ବନ ଓ ଜଳବାୟୁ ପରିବର୍ତ୍ତନ ପ୍ରୋତ୍ସାହନ ପରିଷଦର ଓଡ଼ିଶା ମଡ୍ୟୁଲର ଅଧ୍ୟକ୍ଷ ଶ୍ରୀ ଅମିତାଭ ସାମଲଙ୍କ ସହ ଶ୍ରୀମତୀ ଲଭଲିନା ସାମଲ, ଆୟୁଷ ସାମଲ, ଅନିକେତ ସାହୁ, ଶ୍ରୀ ନୀଳକଣ୍ଠ ଦାସ, ଆଲୋକ ପ୍ରଧାନ ଏବଂ ପିରୁଚରଣ ମୁର୍ମୁ ପ୍ରମୁଖ ବିଶିଷ୍ଟ ବ୍ୟକ୍ତିବର୍ଗ ଉପସ୍ଥିତ ଥିଲେ ।







# ଓଲ୍ୟାମ୍ପ ପରିଚାଳନା ନିର୍ଦ୍ଦେଶକଙ୍କ ଅବସର ଗ୍ରହଣ



**ବଣାଇଁ, ୩।୭ :** ଖୁଣ୍ଟଗାଁ ଲ୍ୟାମ୍ପସ ର ପରିଚାଳନା ନିର୍ଦ୍ଦେଶକ ବସନ୍ତ କୁମାର ପଲେଇ ଙ୍କ ଇତିମଧ୍ୟରେ କାର୍ଯ୍ୟକାଳ ସମାପ୍ତ ହୋଇଯାଇଛି । ଏହି ଅବସରରେ ଖୁଣ୍ଟଗାଁ ଲ୍ୟାମ୍ପ ତରଫରୁ ସଭାପତି ଅଜୟ ନାୟକ ଙ୍କ ଅଧ୍ୟକ୍ଷତାରେ ତାଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଦିଆଯିବା ସଙ୍ଗେ ସଙ୍ଗେ ଅତିରିକ୍ତ ଦାୟୀତ୍ୱ ନେଇଥିବା ମହୁଲପଦା କ୍ୟାମ୍ପସ ର ପରିଚାଳନା ନିର୍ଦ୍ଦେଶକ ଦୁର୍ଯ୍ୟୋଧନ କିସାନ ଙ୍କୁ ମଧ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଥିଲା । ପୂର୍ବତନ ପରିଚାଳନା ନିର୍ଦ୍ଦେଶକ ପଲେଇ ଙ୍କ ଚାକିରି ଆରମ୍ଭରୁ ଅବସର ପର୍ଯ୍ୟନ୍ତ ୩୯ ବର୍ଷ ର କର୍ମମୟ ଜୀବନ ଉପରେ ବକ୍ତା ଭାବେ ଲାମ୍ପସ ନିର୍ଦ୍ଦେଶକ ଅଭିମନ୍ୟୁ ମିଶ୍ର, କେଦାର ମାହାନ୍ତ ଏବଂ ବିଶିଷ୍ଟ ଅତିଥି ତଥା ପୂର୍ବତନ ନିର୍ଦ୍ଦେଶକ ଯୁଗଳ କିଶୋର ମାହାନ୍ତ ତାଙ୍କ ବକ୍ତବ୍ୟ ରଖି ଭୂୟସୀ ପ୍ରଶଂସା କରିଥିଲେ । ଅନୁରୂପ ଭାବେ ପୂର୍ବତନ ପରିଚାଳନା ନିର୍ଦ୍ଦେଶକ ପଲେଇ ମଧ ତାଙ୍କ ଚାକିରି କାଳର ଅତୀତ ର ଘଟଣାବଳି କୁ ବର୍ଣ୍ଣନା କରିଥିଲେ । ଏହି ଅବସରରେ ତାଙ୍କୁ ପ୍ରଶଂସା ପତ୍ର ଦେଇ କର୍ମବୀର ସମ୍ମାନ ରେ ଭୂଷିତ କରାଯାଇଥିଲା । ସଭା ଶେଷରେ ଲ୍ୟାମ୍ପସ ନିର୍ଦ୍ଦେଶକ କେଦାର ମାହାନ୍ତ ଧନ୍ୟବାଦ୍ ଅର୍ପଣ କରିଥିଲେ ।

# ଡାକ୍ତରଙ୍କ ଆନ୍ଦୋଳନ ଯୋଗୁଁ ୪୮ ଘଣ୍ଟା ପରେ ମଧ ହୋଇପାରୁନି ନାବାଳକର ଶବ ବିଚ୍ଛେଦ

**ବଣାଇଁ,୩।୭ :** ସୁନ୍ଦରଗଡ ଜିଲ୍ଲା ବଣେଇ ଉପଖଣ୍ଡର କୋଇଡା ଥାନା ଅନ୍ତର୍ଗତ ମାଳଦା ସଂରକ୍ଷିତ ଜଙ୍ଗଲରେ ଚାଲିଥିଲା ଚୋରା ମାଙ୍ଗାନିଜ୍ ଉତ୍ତୋଳନ । ମାଙ୍ଗାନିଜ୍ ଉତ୍ତୋଳନ ବେଳେ ମାଟି ଅତଡ଼ା ଖସି ବୁଧବାର ଦିନ ଘଟିଥିଲା ଜଣେ ନାବାଳକ ଶ୍ରମିକର ମୃତ୍ୟୁ । ଡାକ୍ତରଙ୍କ ଆନ୍ଦୋଳନ ଯୋଗୁଁ ୪୮ ଘଣ୍ଟା ହେଲା ଯୋଡ଼ା ଟିସ୍କୋ ହସ୍ପିଟାଲ୍ ଶବ ଗୃହରେ ପଡ଼ିରହିଛି ନାବାଳକର ମୃତଦେହ । ଗତକାଲି ବ୍ୟବଚ୍ଛେଦ ପାଇଁ ମୃତଦେହ ବଡ଼ବିଲ୍ ନେଇଥିଲେ ପରିବାର ଲୋକେ ଆନ୍ଦୋଳନ ପାଇଁ ଫେରାଇ ଦେଲେ ଡାକ୍ତର । ବ୍ୟବଚ୍ଛେଦ ନହୋଇ ପାରିବାରୁ ପୁଣି ଥରେ ଯୋଡ଼ା ଟିସ୍କୋ ହସ୍ପିଟାଲ୍ ଶବ ଗୃହକୁ ଫେରିଲା ନାବାଳକର ଶବ । ଡାକ୍ତରୀ ଆନ୍ଦୋଳନ ଆଗରେ ହାର୍ ମାନିଲା ମାନବିକତା ଶବ ବ୍ୟବଚ୍ଛେଦ ହୋଇ ନପାରିବାରୁ ପରିବାର ଲୋକଙ୍କ ଆଖିରୁ ଶୁଖୁନି ଲୁହ ।




# ନିଶା ବିରୋଧରେ ସଦର ଥାନାର ଜୋରଦାର ଅଭିଯାନ

- 'ଆମ ପୋଲିସ ସମିତି' ବୈଠକରେ ଅପରାଧମୁକ୍ତ
- ଦୁର୍ଘଟଣାମୁକ୍ତ ସମାଜ ଗଠନ ପାଇଁ ସାମୂହିକ ସଂକଳ୍ପ

**ଫୁଲନଖରା,୩।୭ :** ସମାଜରେ ଶାନ୍ତି, ସୁରକ୍ଷା ଓ ସୁସ୍ଥ ପରିବେଶ ସୃଷ୍ଟି ଦିଗରେ ପୋଲିସ ଓ ସାଧାରଣ ଜନତାଙ୍କ ମଧ୍ୟରେ ସମନ୍ୱୟକୁ ଅଧିକ ସୁଦୃଢ଼ କରିବା ଲକ୍ଷ୍ୟରେ କଟକ ସଦର ଥାନା ପକ୍ଷରୁ 'ଆମ ପୋଲିସ ସମିତି'ର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି । ସଦର ଥାନାର ଭାରପ୍ରାପ୍ତ ଅଧିକାରୀ ତୁଷାରକାନ୍ତ ସେଠୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସମାଜର ବିଭିନ୍ନ ବର୍ଗର ବିଶିଷ୍ଟ ବ୍ୟକ୍ତି, ବୁଦ୍ଧିଜୀବୀ, ଆଇନଜୀବୀ, ଜନପ୍ରତିନିଧି, ସାମ୍ବାଦିକ ଓ ସାମାଜିକ ସଂଗଠନର କର୍ମକର୍ତ୍ତାମାନେ ଯୋଗଦେଇ ସମାଜର ବିଭିନ୍ନ ସମସ୍ୟାର ସମାଧାନ ଦିଗରେ ନିଜର ମତାମତ ପ୍ରଦାନ କରିଥିଲେ । ଏହି ଅବସରରେ ଜୋନ୍-୪ ଏସିପି ଅମିତାଭ ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆଇନର ଶାସନ ପ୍ରତିଷ୍ଠା, ଜନସାଧାରଣଙ୍କ ସହଯୋଗ ଓ ଅପରାଧମୁକ୍ତ ସମାଜ ଗଠନରେ ପୋଲିସ-ଜନତାଙ୍କ ସମନ୍ୱୟ କେତେ ଗୁରୁତ୍ୱପୂର୍ଣ୍ଣ ସେ ସମ୍ପର୍କରେ ବିସ୍ତୃତ ମତ ରଖିଥିଲେ । ସମ୍ମାନିତ ଅତିଥି ଭାବେ ବରିଷ୍ଠ ଆଇନଜୀବୀ ଉମାକାନ୍ତ ନନ୍ଦ ଏବଂ କଟକ ଜିଲ୍ଲା କର୍ମଜୀବୀ ସାମ୍ବାଦିକ ସଂଘର ସଭାପତି ତଥା କଟକ ସଦର ପ୍ରେସ କ୍ଲବର କାର୍ଯ୍ୟକାରୀ ସଭାପତି ଲଳିତ କୁମାର ଦାଶ ଉପସ୍ଥିତ ରହି ସାମାଜିକ ସଚେତନତା, ନୈତିକ ମୂଲ୍ୟବୋଧ ଓ ଆଇନ ପ୍ରତି ସମ୍ମାନ ବୃଦ୍ଧିର ଆବଶ୍ୟକତା ଉପରେ ମତ ରଖିଥିଲେ । ବୈଠକର ମୁଖ୍ୟ ଆକର୍ଷଣ ଥିଲା 'ନିଶାମୁକ୍ତ ଓଡ଼ିଶା ଅଭିଯାନ' । ଆଲୋଚନାରେ କୁହାଯାଇଥିଲା ଯେ, ନିଶା ସେବନ କେବଳ ଜଣେ ବ୍ୟକ୍ତିଙ୍କ ଶାରୀରିକ ଓ ମାନସିକ ସ୍ୱାସ୍ଥ୍ୟକୁ କ୍ଷତିଗ୍ରସ୍ତ କରେ ନାହିଁ, ବରଂ ପରିବାର, ସମାଜ ଓ ଯୁବପିଢ଼ିର ଭବିଷ୍ୟତକୁ ମଧ ବିପଦ ଆଡ଼କୁ ଠେଲିଦିଏ । ମାଦକଦ୍ରବ୍ୟର କବଳରେ ପଡ଼ି ଅନେକ ଯୁବକ ଅପରାଧ ଦିଗକୁ ମୁହାଁଉଥିବା ବେଳେ ପରିବାରରେ ଅଶାନ୍ତି, ଆର୍ଥିକ ଅନଟନ ଓ ସାମାଜିକ ଅବକ୍ଷୟ ବୃଦ୍ଧି ପାଉଛି । ତେଣୁ ନିଶା ବିରୋଧୀ ସଚେତନତାକୁ ଘରେ ଘରେ ପହଞ୍ଚାଇବା ସହିତ ଯୁବସମାଜଙ୍କୁ କ୍ରୀଡ଼ା, ଶିକ୍ଷା, ସଂସ୍କୃତି ଓ ସୃଜନଶୀଳ କାର୍ଯ୍ୟକଳାପ ଆଡ଼କୁ ଆକର୍ଷିତ କରିବା ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଥିଲା । ବକ୍ତାମାନେ ମତ ରଖିଥିଲେ ଯେ, କେବଳ ପୋଲିସ ପ୍ରଶାସନର ପ୍ରୟାସ ଦ୍ୱାରା ନିଶାମୁକ୍ତ ସମାଜ ଗଠନ ସମ୍ଭବ ନୁହେଁ । ଏଥିପାଇଁ ଅଭିଭାବକ, ଶିକ୍ଷକ, ସମାଜସେବୀ, ଗଣମାଧ୍ୟମ, ସ୍ୱେଚ୍ଛାସେବୀ ସଂଗଠନ ଏବଂ ସାଧାରଣ ଜନତାଙ୍କ ସକ୍ରିୟ ସହଯୋଗ ଅତ୍ୟନ୍ତ ଜରୁରୀ । ଯଦି ସମସ୍ତେ ମିଳିତ ଭାବେ ନିଶା ବିରୋଧରେ ସ୍ୱର ଉତ୍ତୋଳନ କରିବେ, ତେବେ ଏକ ସୁସ୍ଥ, ସୁରକ୍ଷିତ ଓ ସଂସ୍କାରବାନ ଓଡ଼ିଶା ଗଠନ କରାଯାଇପାରିବ । ଏହି ଅବସରରେ ସମସ୍ତ ଉପସ୍ଥିତ ସଦସ୍ୟ ନିଶାମୁକ୍ତ ସମାଜ ଗଠନ ପାଇଁ ଶପଥ ଗ୍ରହଣ କରିଥିଲେ । ଏହାସହିତ ସଦର ଥାନା ଅଞ୍ଚଳରେ ଚୋରି, ରାହାଜାନି, ସଡ଼କ ଦୁର୍ଘଟଣା ଓ ଅନ୍ୟାନ୍ୟ ସାମାଜିକ ଅପରାଧ କିପରି ହ୍ରାସ ପାଇବ, ସେ ନେଇ ମଧ ବିସ୍ତୃତ ଆଲୋଚନା ହୋଇଥିଲା । ସ୍ଥାନୀୟ ବୁଦ୍ଧିଜୀବୀ ଓ ଜନପ୍ରତିନିଧିମାନେ ପୋଲିସ ସହ ସମନ୍ୱୟ ରଖି ଅପରାଧ ଦମନ, ଟ୍ରାଫିକ ସଚେତନତା, ରାତ୍ରିକାଳୀନ ପାଟ୍ରୋଲିଂ, ସନ୍ଦିଗ୍ଧ ବ୍ୟକ୍ତିଙ୍କ ସୂଚନା ପ୍ରଦାନ ଏବଂ ସାମାଜିକ ସୁରକ୍ଷା ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା ନେଇ ବିଭିନ୍ନ ପରାମର୍ଶ ଦେଇଥିଲେ । ସଦର ଥାନାର ଭାରପ୍ରାପ୍ତ ଅଧିକାରୀ ତୁଷାରକାନ୍ତ ସେଠୀ ନିଜ ବକ୍ତବ୍ୟରେ କହିଥିଲେ ଯେ, ପୋଲିସ କେବଳ ଆଇନ ପ୍ରୟୋଗକାରୀ ସଂସ୍ଥା ନୁହେଁ, ବରଂ ସମାଜର ବିଶ୍ୱସ୍ତ ସହଯୋଗୀ । ଜନସାଧାରଣଙ୍କ ସହ ସମନ୍ୱୟ ରଖି ଅପରାଧ ନିୟନ୍ତ୍ରଣ, ନିଶା ବିରୋଧୀ ଅଭିଯାନ ଏବଂ ଶାନ୍ତିଶୃଙ୍ଖଳା ବଜାୟ ରଖିବା ଦିଗରେ ସଦର ଥାନା ସଦା ସକ୍ରିୟ ରହିଛି ଓ ଆଗାମୀ ଦିନରେ ମଧ ଏହି ପ୍ରୟାସ ଜାରି ରହିବ । ତାଙ୍କ ନେତୃତ୍ୱରେ ଜନସମ୍ପର୍କ ବୃଦ୍ଧି, ଲୋକଙ୍କ ଅଭିଯୋଗକୁ ଗୁରୁତ୍ୱ ସହ ଶୁଣିବା ଏବଂ ସଚେତନତାମୂଳକ କାର୍ଯ୍ୟକ୍ରମ ଆୟୋଜନ ଭଳି ପଦକ୍ଷେପକୁ ଉପସ୍ଥିତ ବ୍ୟକ୍ତିମାନେ ସ୍ୱାଗତ କରିଥିଲେ । ଏହି ବୈଠକରେ କର୍ପୋରେଟର ଜନାର୍ଦ୍ଦନ ପରିଡ଼ା, ବିକ୍ରମ ଶତପଥୀ, ଅନିଲ କୁମାର ବେଉରା, ପ୍ରମୋଦ କୁମାର ବେହେରା, ଅଶୋକ ପାତ୍ର, ଚତୁର୍ଭୁଜ ମହାପାତ୍ର, ଅଶୋକ କୁମାର ସାହୁ, ରଞ୍ଜିତ କୁମାର ସ୍ୱାଇଁ, ଅମିତ କୁମାର ପରିଜା, ଚିନ୍ମୟ ମହାରଣା, ଶ୍ରୀଧର ସାହୁ, ଅମୂଲ୍ୟ ନାୟକ, ପ୍ରତାପ ଚନ୍ଦ୍ର ସାହୁ, ଆଲୋକ କୁମାର ରାଉତଙ୍କ ସମେତ ଅଞ୍ଚଳର ବରିଷ୍ଠ ବୁଦ୍ଧିଜୀବୀ, ସୋସାଇଟି କର୍ମକର୍ତ୍ତା ଓ ଗଣମାଧ୍ୟମ ପ୍ରତିନିଧିମାନେ ଉପସ୍ଥିତ ଥିଲେ । ବୈଠକ ଶେଷରେ ସମସ୍ତେ ଏକ ସ୍ୱରରେ ମତ ପ୍ରକାଶ କରିଥିଲେ ଯେ, ପୋଲିସ ଓ ଜନସାଧାରଣଙ୍କ ମଧ୍ୟରେ ବିଶ୍ୱାସ, ସହଯୋଗ ଓ ନିୟମିତ ସଂଳାପ ହିଁ ଅପରାଧମୁକ୍ତ, ନିଶାମୁକ୍ତ ଓ ସୁରକ୍ଷିତ ସମାଜ ଗଠନର ପ୍ରମୁଖ ଆଧାର । ଏଭଳି ଜନମୁଖୀ ବୈଠକ ନିୟମିତ ଭାବେ ଆୟୋଜନ ହେଲେ ସମାଜରେ ସକାରାତ୍ମକ ପରିବର୍ତ୍ତନ ଆଣିବା ସହ ଆଇନ ପ୍ରତି ସାଧାରଣ ଲୋକଙ୍କ ଆସ୍ଥା ଆହୁରି ସୁଦୃଢ଼ ହେବ ।



## ମନରେଗାରେ ମହାଘୋଟାଲା

# ୩ ଲକ୍ଷର ରାସ୍ତା କେବଳ କାଗଜରେ, ମାଟିରେ ନାହିଁ ଚିହ୍ନବର୍ଣ୍ଣ

- ମନରେଗା ଟଙ୍କା ଗଲା କୁଆଡ଼େ ?
- କନୀମୂଳ ପଞ୍ଚାୟତରେ ଦୁର୍ନୀତି ଅଭିଯୋଗ



**ଜଗତସିଂହପୁର,୩।୭ :** ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା (ମନରେଗା)ରେ ପୁଣି ସାମ୍ନାକୁ ଆସିଛି ଦୁର୍ନୀତିର ସଙ୍ଗୀନ ଅଭିଯୋଗ। ଜଗତସିଂହପୁର ଜିଲ୍ଲା ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ କନୀମୂଳ ଗ୍ରାମପଞ୍ଚାୟତରେ ପ୍ରାୟ ୩ ଲକ୍ଷ ଟଙ୍କାର ରାସ୍ତା ନିର୍ମାଣ ପ୍ରକଳ୍ପ କାଗଜପତ୍ରରେ ସମ୍ପୂର୍ଣ୍ଣ ହୋଇଥିବା ଦର୍ଶାଯାଇଥିବା ବେଳେ ବାସ୍ତବ ଚିତ୍ର ସମ୍ପୂର୍ଣ୍ଣ ଭିନ୍ନ। ମହାନଦୀ ବାମ ନଦୀବନ୍ଧରୁ କନୀମୂଳ ଶ୍ମଶାନ ପର୍ଯ୍ୟନ୍ତ ରାସ୍ତାକୁ ଗଲେ କାମର କୌଣସି ସ୍ପଷ୍ଟ ଚିହ୍ନ ମିଳୁନଥିବା ଅଭିଯୋଗ ଉଠିଛି। ଅଭିଯୋଗ ଅନୁଯାୟୀ, ୦୧ ଜୁନ୍ ୨୦୨୨ରେ ପ୍ରାୟ ୩ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ କାମ ଆରମ୍ଭ ହୋଇଥିବା ସରକାରୀ ରେକର୍ଡରେ ଉଲ୍ଲେଖ ରହିଛି। କିନ୍ତୁ ପ୍ରକଳ୍ପ ସ୍ଥଳର ବାସ୍ତବ ସ୍ଥିତି ଦେଖିଲେ ପ୍ରଶ୍ନ ଉଠୁଛି—ଗଲା କୁଆଡ଼େ ୩ ଲକ୍ଷ ଟଙ୍କା ? ଯଦି କାମ ହୋଇନାହିଁ, ତେବେ ବିଲ୍ କିଏ କଲା ? କିଏ ମାପଚୁପ କଲା ? କାହା ଆଶୀର୍ବାଦରେ ସରକାରୀ ଅର୍ଥ ଉଠିଲା ? ଏଭଳି ଅନେକ ପ୍ରଶ୍ନ ଏବେ ଜନସାଧାରଣଙ୍କ ମନରେ ଘୁରି ବୁଲୁଛି। ସ୍ଥାନୀୟ ଲୋକଙ୍କ ଅଭିଯୋଗ, ବର୍ତ୍ତମାନର ସରପଞ୍ଚ ଓ ତାଙ୍କ ପ୍ରତିନିଧିଙ୍କ ମିଳିଭଗତରେ ସରକାରୀ ଅର୍ଥକୁ ଆତ୍ମସାତ କରାଯାଇଛି। ବିକାଶ ନାଁରେ ସରକାରୀ ପାଣ୍ଠିକୁ ଲୁଟ୍ କରାଯାଇଥିବା ଅଭିଯୋଗ ଏବେ ପଞ୍ଚାୟତରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି। ଗ୍ରାମବାସୀ କହୁଛନ୍ତି, କାଗଜରେ ବିକାଶ ଦେଖାଇ ସରକାରୀ ଅର୍ଥ ହଡ଼ପ କରିବାର ଏହା ଏକ ଜ୍ୱଳନ୍ତ ଉଦାହରଣ। ଘଟଣାକୁ ନେଇ ପଞ୍ଚାୟତବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ସେମାନେ ଏହାର ଭିଜିଲାନ୍ସ କିମ୍ବା ଉଚ୍ଚସ୍ତରୀୟ ବିଭାଗୀୟ ତଦନ୍ତ କରାଯାଇ ପ୍ରକୃତ ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ସହ ସରକାରୀ ଅର୍ଥ ହଡ଼ପ ହୋଇଥିଲେ ତାହା ଆଦାୟ କରିବାକୁ ଦାବି କରିଛନ୍ତି। ଏବେ ଦେଖିବାକୁ ବାକି ରହିଲା, ଅଭିଯୋଗକୁ ପ୍ରଶାସନ କେତେ ଗୁରୁତ୍ୱର ସହ ନେଉଛି, ନା ଏହା ମଧ୍ୟ ଫାଇଲ୍ ଭିତରେ ଚାପି ହୋଇ ରହିଯିବ।

# କାମରେ ଆସୁନି ଲକ୍ଷାଧିକ ଟଙ୍କାର 'ମିଶନ ଶକ୍ତି କେଫେ'

## ମହିଳାଙ୍କ ସ୍ୱପ୍ନ ଭାଙ୍ଗିଲା

## ସରକାରୀ ଅର୍ଥ ପାଣିରେ ପଡ଼ିଲା




**ଚିକିଟୀ,୩।୭ :** ମହିଳାମାନଙ୍କୁ ଆର୍ଥିକ ସ୍ତରରେ ସଶକ୍ତ ଓ ସ୍ୱାବଲମ୍ବୀ କରିବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଆରମ୍ଭ କରାଯାଇଥିବା 'ମିଶନ ଶକ୍ତି କଫେ' ଯୋଜନା ଏବେ ଅନେକ ସ୍ଥାନରେ ପ୍ରଶାସନିକ ଅବହେଳାର ଶିକାର ହୋଇଛି। ଲକ୍ଷ ଲକ୍ଷ ଟଙ୍କାର ସରକାରୀ ଅନୁଦାନରେ ନିର୍ମିତ ହେଉଥିବା ଏହି କଫେ ଗୃହ ଦୀର୍ଘ ମାସ ହେବ ଅଧାପନ୍ତରିଆ ଅବସ୍ଥାରେ ପଡ଼ିରହିଛି। ଫଳରେ ସରକାରଙ୍କ ଗରିବ କଲ୍ୟାଣ ଯୋଜନା ବାଟବଣା ହେବା ସହ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏହାର ଏକ ଜ୍ୱଳନ୍ତ ଉଦାହରଣ ଦେଖିବାକୁ ମିଳିଛି ବିଶ୍ୱ ମାନଚିତ୍ର ରେ ସ୍ଥାନ ପାଇଥିବା ପୂର୍ବ ଭାରତର ଆକର୍ଷଣୀୟ ନିଆରା ପର୍ଯ୍ୟଟନ ସ୍ଥଳି ସାଙ୍ଗକୁ ଗଞ୍ଜାମ ଜିଲ୍ଲା ଚିକିଟୀ ବ୍ଲକ ଉପକୂଳବର୍ତ୍ତୀ ଅଞ୍ଚଳର ସୌନ୍ଦର୍ଯ୍ୟ ବୃଦ୍ଧି କରୁଥିବା ପ୍ରସିଦ୍ଧ ପର୍ଯ୍ୟଟନ ସ୍ଥଳୀ ସୁନାପୁର ବେଳାଭୂମିରେ । ଏଠାକୁ ପ୍ରତିଦିନ ଶହ ଶହ ପର୍ଯ୍ୟଟକ ଆସୁଥିବା ବେଳେ, ଏଠାରେ ସ୍ଥାନୀୟ ଅଞ୍ଚଳରେ ମହିଳା ମାନଙ୍କୁ ରୋଜଗାରକ୍ଷମ କରିବା ଏବଂ ଜନସାଧାରଣଙ୍କୁ ସ୍ୱଚ୍ଛ ଓ ସୁସ୍ଥକର ଖାଦ୍ୟ ଯୋଗାଇବା ପାଇଁ ଏହି କଫେ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା। ଏଥିପାଇଁ ସରକାରୀ ପାଣ୍ଠିରୁ ଲକ୍ଷାଧିକ ଟଙ୍କା ମଧ୍ୟ ଖର୍ଚ୍ଚ ହୋଇଛି। କୋଠାର କାନ୍ଥ ଛାତ ରଙ୍ଗ କାମ,କାଠ କାମ ବିଦ୍ୟୁତ ଓ ଜଳ ଯୋଗାଣ ଭଳି ଆନୁଷଙ୍ଗିକ ସମସ୍ତ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଥିବା ବେଳେ ଦୀର୍ଘଦିନ ଧରି ବନ୍ଦ ରହିବା ସହ ହସ୍ତାନ୍ତର ନହେବାରୁ ନିର୍ମିତ କୋଠାଟି ଭଗ୍ନ ହେବା ସହ ଭୁତକୋଠି ପାଲଟିଛି ।ଏହି କେଫେ ପରିଚାଳନା କରି ନିଯେ ରୋଜଗାର କରି ଅନେକ ମହିଳା ଏହା ମାଧ୍ୟମରେ ନିଜ ପରିବାରର ଆର୍ଥିକ ସ୍ଥିତି ସୁଧାରିବାକୁ ସ୍ୱପ୍ନ ଦେଖିଥିଲେ। ମାତ୍ର କଫେ ଗୃହ କାର୍ଯ୍ୟକ୍ଷମ ନହେବା ଯୋଗୁଁ ସେମାନଙ୍କ ସ୍ୱପ୍ନ ଧୂଳିସାତ ହୋଇଯାଇଛି। ସରକାର ଜନସାଧାରଣଙ୍କ ଟିକସ ଟଙ୍କାରେ ଏହି ବୃହତ ପ୍ରକଳ୍ପ ନିର୍ମାଣ କରୁଥିବା ବେଳେ ଠିକାଦାର ଓ ସ୍ଥାନୀୟ ପ୍ରଶାସନର ସମନ୍ୱୟ ଅଭାବରୁ ଏହା ଅଧାରେ ଅଟକି ରହିଛି। ଯଦି ଏହି ଗୃହ ବ୍ୟବହାରରେ ନଆସିବ, ତେବେ ଏତେ ଟଙ୍କା ଖର୍ଚ୍ଚ କରିବାର ଆଭିମୁଖ୍ୟ କଣ ବୋଲି ବୁଦ୍ଧିଜୀବୀ ମହଲରେ ପ୍ରଶ୍ନ ଉଠିଛି। କୁହାଯାଇଥିଲା କଫେ ଚାଲିଲେ ମହିଳା ଦି ପଇସା ରୋଜଗାର ପାଇବେ। କିନ୍ତୁ ଦୀର୍ଘ ଦିନ ହେବ କାର୍ଯ୍ୟକ୍ଷମ ନୋହୋଇ ବନ୍ଦ ରହିଥିବାରୁ ସରକାର ଏଥିପ୍ରତି ତୁରନ୍ତ ଦୃଷ୍ଟି ଦେବାକୁ ଦାବୀ ହୋଇଛି । ଏହି ଜନବିରୋଧୀ ଅବହେଳା ବିରୋଧରେ ଜିଲ୍ଲା ପ୍ରଶାସନ ଓ ମିଶନ ଶକ୍ତି ବିଭାଗର ଉଚ୍ଚ ପଦସ୍ଥ ଅଧିକାରୀ ତୁରନ୍ତ ତଦନ୍ତ କରି କଫେକୁ କାର୍ଯ୍ୟକ୍ଷମ କରିବା ସହ ମହିଳାମାନଙ୍କୁ ନ୍ୟାୟ ପ୍ରଦାନ କରନ୍ତୁ ବୋଲି ସ୍ଥାନୀୟ ବାସିନ୍ଦା ଦୃଢ଼ ଦାବି କରିଛନ୍ତି।

# ଜବର ଦଖଲ ଉଚ୍ଛେଦ ବନ୍ଦ ହେବାରୁ ସାମ୍ବାଦିକ ସମ୍ମିଳନୀ




**ବସ୍ତା,୩।୭ :** ବାଲେଶ୍ୱର ଜିଲ୍ଲାପାଳଙ୍କ ସ୍ପଷ୍ଟ ନିର୍ଦ୍ଦେଶ ଥାଇ ବି ବସ୍ତା ପ୍ରଶାସନ ସ୍ମଶାନ ଜମିରୁ ଜବର ଦଖଲ ଉଚ୍ଛେଦ କରୁନଥିବା ଅଭିଯୋଗ ଆଣି ଗ୍ରାମବାସୀ ପ୍ରବଳ ଅସନ୍ତୋଷ ପ୍ରକାଶ କରିଛନ୍ତି। ଆବଶ୍ୟକ ପୋଲିସ ଫୋର୍ସ ନାହିଁ କହି ପ୍ରଶାସନ ଇଚ୍ଛାକୃତ ଭାବେ ଦିନ ଗଡାଉଥିବା ଅଭିଯୋଗ କରି ସାମ୍ବାଦିକ ସମିଳନୀ କଲେ ଗ୍ରାମବାସୀ। ଏଭଳି ଘଟଣା ଦେଖିବାକୁ ମିଳିଛି ବସ୍ତା ବ୍ଲକ ସନ୍ତୋଷପୁର ପଞ୍ଚାୟତ ଅନ୍ତର୍ଗତ ଥେଙ୍ଗଡିହା ମୌଜା(ସ୍ମଶାନ) ଟୋଲଗେଟ ବଜାରରେ।ଗାଁର ସରକାରୀ ଖାତାନଂ ୨୧୭ ସ୍ମଶାନ ଜମିର ପ୍ରାୟ ୭୩ଡିସମିଲ ଅଞ୍ଚଳକୁ କିଛି ପ୍ରଭାବଶାଳୀ ବ୍ୟକ୍ତି, ବ୍ୟକ୍ତିଗତ ଭାବେ ଦୀର୍ଘ ବର୍ଷ ହେଲା ଜବର ଦଖଲ କରି ଘର ଓ ଦୋକାନ ତିଆରି କରିଛନ୍ତି। ଏନେଇ ଗ୍ରାମବାସୀ ଉଚ୍ଚ ନ୍ୟାୟାଳୟ ଓ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଥିଲେ।ଗତ ମାର୍ଚ୍ଚ ୫ତାରିଖ ୨୦୨୫ ମସିହାରେ ଉଚ୍ଚ ନ୍ୟାୟାଳୟ ଓ ଚଳିତ ବର୍ଷ ଜୁନ ମାସ ୬ତାରିଖରେ ଜିଲ୍ଲାପାଳ ଜବର ଦଖଲକୁ ତୁରନ୍ତ ଉଚ୍ଛେଦ କରି ସ୍ମଶାନକୁ ମୁକ୍ତ କରିବା ପାଇଁ ବସ୍ତା ତହସିଲଦାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ତେବେ ନ୍ୟାୟାଳୟ ନିର୍ଦ୍ଦେଶର ୧୬ ମାସ ଓ ଜିଲ୍ଲାପାଳଙ୍କ ନିର୍ଦ୍ଦେଶର ଏକ ମାସ ବିତିଯାଇଥିଲେ ବି ପ୍ରଶାସନ ପଦକ୍ଷେପ ନେଇନାହିଁ। ଗ୍ରାମବାସୀ ବାରମ୍ବାର ତହସିଲ କାର୍ଯ୍ୟାଳୟକୁ ଯାଉଥିବା ବେଳେ, କାର୍ଯାଳୟ ପକ୍ଷରୁ ଚଳିତ ମାସ ୩ତାରିଖରେ ଜବର ଦଖଲ ହିଟିବ ବୋଲି ଆଶ୍ୱାସନା ଦେଇଥିଲେ ଏବଂ ଗତ ଜୁନ ମାସ ୨୯ ତାରିଖରେ ନୋଟିସ ଯାରିକରିଥିଲେ କି, ଚଳିତମାସ ୨ତାରିଖ ସୁଦ୍ଧା ସମସ୍ତ ଜବର ଦଖଲ କାରୀଙ୍କୁ ଜାଗା ଖାଲି କରିବାପାଇଁ।ତେବେ ନିର୍ଦ୍ଦେଶ ଅନୁପାଳନ କରି କିଛି ଦୋକାନୀ ନିଜର ଜିନିଷପତ୍ର ବାହାର କରି ଘର ଖାଲି କରିଥିଲେ।ମାତ୍ର ଆଜି ଉଚ୍ଛେଦ ହେବାକୁ ଥିବାବେଳେ କୌଣସି ଅଧିକାରୀ ଆସିନଥିଲେ ତହସିଲଦାର ସୁଶାନ୍ତ ପଟ୍ଟନାୟକ କହିଛନ୍ତି, ଆମ ପାଖରେ ଆବଶ୍ୟକ ପୋଲିସ ବଳ ନାହିଁ, ସମସ୍ତ ପୋଲିସ ରଥଯାତ୍ରା ଡିଉଟିରେ ଯାଇଛନ୍ତି, ରଥଯାତ୍ରା ପରେ ଉଚ୍ଛେଦ ହେବ।ତେଣୁ ଅଭିଯୋଗକାରୀ ପ୍ରଶ୍ନ କରିଛନ୍ତି ଯଦି ରଥଯାତ୍ରା ମଧ୍ୟରେ ବସ୍ତାରେ କୌଣସି ବଡ଼ ଅଘଟଣ ଘଟେ ପ୍ରଶାସନ କଣ ଅସହାୟ ହୋଇ ପଡିବ ?ଏହି ଅବହେଳାକୁ ବିରୋଧ କରି ଆଜି ଅଭିଯୋଗକାରୀ ମାନେ ଗ୍ରାମର ରମାକାନ୍ତ ଜେନାଙ୍କ ବାସଭବନରେ ସାମ୍ବାଦିକ ସମ୍ମିଳନୀ କରି ଜଣାଇଛନ୍ତି। ସେମାନେ କହିଛନ୍ତି, ଆମ ପୂର୍ବପୁରୁଷଙ୍କ ସ୍ମଶାନ ଉପରେ ଘର ହୋଇଛି, ମୃତଦେହ ସତ୍କାର କରିବାକୁ ଜାଗା ନାହିଁ। ଉଚ୍ଚନ୍ୟାୟାଳୟ ଓ ଜିଲ୍ଲାପାଳଙ୍କ ଆଦେଶ ଥାଇ ବି ପ୍ରଶାସନ ଶୁଣୁନାହିଁ। ଯଥା ଶୀଘ୍ର ଉଚ୍ଛେଦ ନହେଲେ ଆସନ୍ତା ୬ ତାରିଖରେ ତହସିଲ ସମ୍ମୁଖରେ ଆମରଣ ଅନଶନରେ ବସିବୁ। ତେବେ ନ୍ୟାୟାଳୟ ଓ ଜିଲ୍ଲାପାଳଙ୍କ ଆଦେଶକୁ ଅବହେଳା କରିବା ଘଟଣା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି।

## ବିଚାର ବିଭାଗୀୟ ମାଜିଷ୍ଟ୍ରେଟଙ୍କ ଘରୁ ଏସି ଚୋରି

# ୨୪ ଘଣ୍ଟାରେ ଜଣେ ନାବାଳକ ସହ ତିନି ଜଣଙ୍କୁ ବାନ୍ଧିଲା





## ଆକ୍ସନ ମୋଡ଼ରେ ପୋଲିସ

**ବଣାଇଁ,୩।୭ :** ଗତ ତିନିଦିନ ତଳେ ବଣାଇଁ ର ଜନୈକ ବିଚାର ବିଭାଗୀୟ ମାଜିଷ୍ଟ୍ରେଟଙ୍କ ଘରୁ ଏକ ଏ ସି ଚୋରି ଘଟଣା ପରେ ବଣାଇଁ ପୋଲିସ ର ନିଦ ହଜି ଯାଇଥିଲା। ଅଞ୍ଚଳରେ ପୂର୍ବରୁ ଅନେକ ଏ ସି ଚୋରି ହୋଇଥିଲେ ହେଁ ସାଧାରଣ ଭାବେ ତଦନ୍ତ କରୁଥିବା ପୋଲିସ ହଠାତ ସକ୍ରିୟ ହୋଇ ଉଠିଥିଲା । ଆଜି ଏ ନେଇ ବଣାଇଁ ଥାନାରେ ଏକ ସାମ୍ବାଦିକ ସମ୍ମିଳନୀ କରି ବଣାଇଁ ଉପଖଣ୍ଡ ପୋଲିସ ଅଧିକାରୀ ଚୋରି ହୋଇଥିବା ଏ ସି ଉଦ୍ଧାର ସହ ଜଣେ ନାବାଳକ ସହିତ ତିନିଜଣଙ୍କୁ ଗିରଫ କରିଥିବା ପ୍ରକାଶ କରିଛନ୍ତି । ଉପଖଣ୍ଡ ପୋଲିସ୍ ଅଧିକାରୀ ରାମଚନ୍ଦ୍ର ବିଶ୍ୱାଳ ଏଥିନେଇ ଏକ ସ୍ୱତନ୍ତ୍ର ଟିମ ଗଠନ କରି ଚଢାଉ ପରେ ବଣାଇଁ ଅଞ୍ଚଳ ର ଦୁଇଜଣ କାଳିଆ ମୁଣ୍ଡା ଓ ଦୀପକ ମୁଣ୍ଡା ଙ୍କ ସମେତ ଜଣେ ନାବାଳକ କୁ ଗିରଫ କରି ନାବାଳକ ଜଣ କୁ ଜୁଭେନାଇଲ କୋର୍ଟ କୁ ପଠାଇ ଥିବା ସୂଚନା ଦେଇଛନ୍ତି କ୍ଷ ଘଟଣାରେ ଆହୁରି ଚାରି ପାଞ୍ଚ ଜଣ ସାମିଲ ଥିବା ଦୃଷ୍ଟିରୁ ତଦନ୍ତ କୁ ତ୍ୱରାନ୍ୱିତ କରାଯାଉଥିବା ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଥିଲେ । ଗୋଟିଏ ବାଇକ ସହ ଚୋରି ସାମଗ୍ରୀ ଉଦ୍ଧାର ।

## ବନମହୋତ୍ସବ

# ଉପଲକ୍ଷେ ଚାରାରୋପଣ



**ପୁରୀ,୩।୭ :** ବନ ମହୋତ୍ସବ ଉପଲକ୍ଷେ ଚାରାରୋପଣ କାର୍ଯ୍ୟକ୍ରମ ପୁରୀ ଜିଲ୍ଲା ଆଇନ ସେବା ପ୍ରାଧୀକରଣର ଅଧ୍ୟକ୍ଷ ତଥା ଜିଲ୍ଲା ଓ ଦୌରାଜଜ୍ ଆନନ୍ଦ ନାରାୟଣ ମହାରଣାଙ୍କ ନିର୍ଦ୍ଦେଶ ଅନୁଯାଇ ଆଜି ବନ ମହୋତ୍ସବ ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ, ପେଣ୍ଠକଟା ପରିସରରେ ଚାରାରୋପଣ କରାଯାଇଛି। ଆଜିର ଏହି କାର୍ଯ୍ୟକ୍ରମକୁ ପୁରୀ ଜିଲ୍ଲା ଆଇନ ସେବା ପ୍ରାଧୀକରଣର ସଚିବ ପରିତୋଷ କୁମାର ସେଠୀ ପରିଚାଳନା କରିଥିଲେ । ଆଜିର ଏହି କାର୍ଯ୍ୟକ୍ରମରେ ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର ଉପକୂଳପତି ପ୍ରଭାତ କୁମାର ମହାପାତ୍ର, ପ୍ରଫେସର ଶତ୍ରୁଘ୍ନ ପାଣିଗ୍ରାହୀ ମୁଖ୍ୟ ଅତିଥି ଭାବେଯୋଗ ଦେଇଥିଲେ । ଏହି ଚାରାରୋପଣ କାର୍ଯ୍ୟକ୍ରମରେ ଜିଲ୍ଲା ନ୍ୟାୟଳୟର ବିଚାରପତିଗଣ ଓ ବିଶ୍ୱବିଦ୍ୟାଳୟର ଅଧ୍ୟାପକ, ଅଧ୍ୟାପିକା, ଛାତ୍ରଛତ୍ରୀଗଣ, ଓକିଲ ଓ ଅଧିକାର ମିତ୍ର ଉପସ୍ଥିତ ଥିଲେ । ପରିବେଶ ସୁରକ୍ଷା ପାଇଁ ବ୍ୟାପକ ଚରାରୋପଣ କରିବା ସହ ପ୍ରକୃତିର ସରଂକ୍ଷଣ କରିବାକୁ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିବାରେ ପ୍ରାଧୀକରଣର କର୍ମଚାରୀ ମାନେ ସହଯୋଗ କରିଥିଲେ ।

# ପଶୁଚିକିତ୍ସା ସେବାକାର୍ଯ୍ୟରେ ଯୋଗ୍ୟତା ଓ ଅଭିଜ୍ଞତାକୁ ଅଣଦେଖା

**ପୁରୀ,୩।୭ :** ପ୍ରତିବର୍ଷ ପରି ଚଳିତ ବର୍ଷ ରଥଯାତ୍ରା ସମୟରେ ସାଧାରଣ ଯାତାୟାତରେ ବାଧକ ସାଜୁଥିବା ବୁଲାଷଣ୍ଢ, ଗୋରୁଙ୍କୁ ରାସ୍ତାରୁ ହଟାଇ ପୁରୀକୁ ସଂଯୋଗ କରୁଥିବା ପ୍ରମୁଖ ସଡ଼କଗୁଡ଼ିକୁ ଅବାଧ ରଖିବାର ଦାୟିତ୍ୱ ଜିଲା ପ୍ରଶାସନ ପକ୍ଷରୁ ଜିଲା ପ୍ରାଣୀ ଚିକିତ୍ସା ଅଧିକାରୀଙ୍କ କାର୍ଯ୍ୟାଳୟ ଓ ପୁରୀ ମହାନଗର ନିଗମକୁ ଦିଆଯାଇଛି। ଫଳରେ ପୌର କର୍ମଚାରୀମାନେ ବୁଲା ଷଣ୍ଢ ଓ ଗୋରୁଙ୍କୁ ଉଦ୍ଧାର କରି ଅର୍ବାନ ହାଟ ନିକଟ ଅସ୍ଥାୟୀ ଗୋଶାଳାରେ ରଖିବେ। ସ୍ନାନପୂର୍ଣ୍ଣିମା ପରଠାରୁ ନୀଳାଦ୍ରି ବିଜେ ପର୍ଯ୍ୟନ୍ତ ଏହି ଗୋଶାଳାରେ ସରକାରଙ୍କ ପକ୍ଷରୁ ଗୋଖାଦ୍ୟ, ଘାସ, ନଡ଼ା ଆଦି ଯୋଗାଇ ଦିଆଯିବ। ସେହିପରି ପଶୁଙ୍କ ଚିକିତ୍ସା ଓ ସ୍ୱାସ୍ଥ୍ୟ ସୁରକ୍ଷା ପାଇଁ ଜିଲାର ବିଭିନ୍ନ ବ୍ଲକର ପ୍ରାଣୀ ଚିକିତ୍ସକମାନଙ୍କୁ ଦାୟିତ୍ୱ ଦିଆଯାଏ। ଚିକିତ୍ସକଙ୍କୁ ସହଯୋଗ କରିବା ପାଇଁ କମ୍ପାଉଣ୍ଡର ଓ ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କୁ ତିନୋଟି ସିଫ୍ଟରେ ନିୟୋଜିତ କରାଯାଏ। ସମଗ୍ର ବ୍ୟବସ୍ଥାର ତଦାରଖ ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ, ଉପଖଣ୍ଡ ପ୍ରାଣୀ ଚିକିତ୍ସା ଅଧିକାରୀ ଓ ଉପନିର୍ଦ୍ଦେଶକ ସ୍ତରର ଅଧିକାରୀମାନେ କରିଥାନ୍ତି । ତେବେ ଷଣ୍ଢ, ଗାଈ ଓ ଗୋରୁଙ୍କୁ ଏକାଠି ରଖାଯାଉଥିବାରୁ ପଶୁମାନଙ୍କ ମଧ୍ୟରେ ମାଡ଼ପିଟ ଘଟି କ୍ଷତବିକ୍ଷତ ହେବା ସହ କେତେକ କ୍ଷେତ୍ରରେ ମୃତ୍ୟୁ ଘଟୁଥିବା ଅଭିଯୋଗ ଉଠିଆସୁଛି। ଏଭଳି ସ୍ଥିତିରେ ଅଧିକ ସତର୍କତା ଓ ଅଭିଜ୍ଞ ଚିକିତ୍ସା ବ୍ୟବସ୍ଥାର ଆବଶ୍ୟକତା ଥିବାବେଳେ, ଚଳିତ ବର୍ଷ ଚିକିତ୍ସା ଦାୟିତ୍ୱ ବଣ୍ଟନକୁ ନେଇ ଗୁରୁତର ପ୍ରଶ୍ନ ଉଠିଛି। ଅଭିଯୋଗ ହେଉଛି ଯେ, ଅଭିଜ୍ଞ ଓ ପ୍ରଶିକ୍ଷିତ କର୍ମଚାରୀଙ୍କ ପରିବର୍ତ୍ତେ ଅନଭିଜ୍ଞ ବ୍ୟକ୍ତିଙ୍କୁ ଏହି ସମ୍ବେଦନଶୀଳ ଚିକିତ୍ସା ଦାୟିତ୍ୱ ପ୍ରଦାନ କରାଯାଇଛି ଓ ଏ ନେଇ ଦାୟିତ୍ୱ ବଣ୍ଟନ ସମ୍ବନ୍ଧୀୟ ଏକ ସରକାରୀ ପତ୍ରର କଥା ମଧ୍ୟ ଉଲ୍ଲେଖ କରାଯାଉଛି। ତେବେ ପଶୁଚିକିତ୍ସା ସେବା କାର୍ଯ୍ୟରେ ଯୋଗ୍ୟତା ଓ ଅଭିଜ୍ଞତାକୁ କାହିଁକି ଅଣଦେଖା କରାଗଲା ତାହାକୁ ନେଇ ଏବେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଯଦି କୌଣସି ପଶୁର ମୃତ୍ୟୁ ହୁଏ କିମ୍ବା ଗୁରୁତର କ୍ଷତି ହୁଏ, ତାହାର ଦାୟିତ୍ୱ କିଏ ନେବ ତାହାକୁ ନେଇ ଏବେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ଜିଲା ପ୍ରଶାସନ ଓ ପ୍ରାଣୀସମ୍ପଦ ବିଭାଗ ତୁରନ୍ତ ସମ୍ପୂର୍ଣ୍ଣ ତଦନ୍ତ କରି ଦାୟିତ୍ୱ ବଣ୍ଟନର ସ୍ୱଚ୍ଛତା, ଯୋଗ୍ୟ କର୍ମଚାରୀଙ୍କ ନିୟୋଜନ ଏବଂ ଅସ୍ଥାୟୀ ଗୋଶାଳାରେ ପଶୁଙ୍କ ସୁରକ୍ଷା ନିଶ୍ଚିତ କରିବାକୁ ସାଧାରଣରେ ଦାବି ହେଉଛି।

# ତିନି ପିଢ଼ିର ଚଳାଚଳ ରାସ୍ତା ହଠାତ୍ ଅବରୋଧ

- କଳପଡ଼ାରେ ବଢ଼ିଲା କ୍ଷୋଭ
- ସ୍କୁଲରୁ ଗ୍ୟାସ ଗାଡ଼ି ପର୍ଯ୍ୟନ୍ତ ସବୁ ସେବା ପ୍ରଭାବିତ
- ପ୍ରଶାସନୀୟ ହସ୍ତକ୍ଷେପ ପାଇଁ ଗୁହାରି




**ଫୁଲନଖରା,୩।୭ :** କଟକ ସଦର ଅଞ୍ଚଳର ୪୨ ମୌଜା କଳପଡ଼ା ପଞ୍ଚାୟତ ଅନ୍ତର୍ଗତ କଳପଡ଼ା ଗ୍ରାମର ମଝି ସାହିରେ ଗୋପୀନାଥ ଠାକୁରଙ୍କ ଘର ନିକଟରେ ଥିବା ଗ୍ରାମ୍ୟ ରାସ୍ତାକୁ କିଛି ବ୍ୟକ୍ତି ତାଡ଼ି ଦେଇଥିବା ଅଭିଯୋଗକୁ କେନ୍ଦ୍ର କରି ସ୍ଥାନୀୟ ଅଞ୍ଚଳରେ ତୀବ୍ର ଜନଅସନ୍ତୋଷ ଦେଖାଦେଇଛି। ଏହି ଘଟଣାକୁ ନେଇ ବେଣ୍ଟକାର ଥାନାରେ ଏକ ଲିଖିତ ଏତଲା ଦାଖଲ କରାଯାଇଥିବା ସୂଚନା ମିଳିଛି। ସ୍ଥାନୀୟ ଲୋକଙ୍କ କହିବାନୁସାରେ, ଉକ୍ତ ରାସ୍ତାଟି ଗତ ପ୍ରାୟ ତିନି ପିଢ଼ି ଧରି ଗ୍ରାମବାସୀଙ୍କ ଯାତାୟାତର ପ୍ରମୁଖ ମାର୍ଗ ଭାବେ ବ୍ୟବହୃତ ହୋଇଆସୁଛି। ଏହି ରାସ୍ତା ଉପରେ ପ୍ରାୟ ୧୮ଟି ପରିବାରର ୭୦ରୁ ଅଧିକ ସଦସ୍ୟ ସମ୍ପୂର୍ଣ୍ଣ ଭାବେ ନିର୍ଭରଶୀଳ। ନିକଟରେ ହୋଇଥିବା ବର୍ଷା ଯୋଗୁଁ ରାସ୍ତାରେ ଏକ ଗଭୀର ଖାଲ ସୃଷ୍ଟି ହୋଇଥିଲା। ପରେ ଗ୍ରାମବାସୀ ନିଜସ୍ୱ ଉଦ୍ୟମରେ ସେହି ସ୍ଥାନରେ ବାଲି ପକାଇ ରାସ୍ତାକୁ ଚଳାଚଳ ଉପଯୋଗୀ କରିଥିଲେ। ମାତ୍ର ପରବର୍ତ୍ତୀ ସମୟରେ କିଛି ବ୍ୟକ୍ତି ମିଶି ରାସ୍ତାକୁ ତାଡ଼ି ଦେଇଥିବାରୁ ସମ୍ପୂର୍ଣ୍ଣ ଯାତାୟାତ ବ୍ୟବସ୍ଥା ବାଧାପ୍ରାପ୍ତ ହୋଇଛି। ରାସ୍ତା ବନ୍ଦ ହୋଇଯିବା ଫଳରେ ସ୍କୁଲ ପଢୁଆ ପିଲାମାନେ ନିୟମିତ ଭାବେ ବିଦ୍ୟାଳୟକୁ ଯାଇପାରୁ ନାହାନ୍ତି। ଘରୋଇ ଗ୍ୟାସ ବିତରଣ ଗାଡ଼ି ଗ୍ରାମକୁ ପହଞ୍ଚିପାରୁ ନଥିବା ବେଳେ ଦୁଇଚକିଆ ଓ ତିନିଚକିଆ ଯାନବାହନ ଚଳାଚଳ ମଧ୍ୟ ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଛି। ଫଳରେ ଦୈନନ୍ଦିନ ଜୀବନଯାପନ ସହ ଜରୁରୀକାଳୀନ ସେବା ପ୍ରଭାବିତ ହେଉଥିବାରୁ ଗ୍ରାମବାସୀ ଘୋର ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏହି ସମସ୍ୟାର ସ୍ଥାୟୀ ସମାଧାନ ପାଇଁ କଳପଡ଼ା ବ୍ରାହ୍ମଣ ସାହିରୁ ମଝି ସାହି ପର୍ଯ୍ୟନ୍ତ ଏକ ସ୍ଥାୟୀ ରାସ୍ତା ନିର୍ମାଣ କରିବାକୁ ଗ୍ରାମବାସୀମାନେ ଦାବି ଉଠାଇଛନ୍ତି।

# ଦୀର୍ଘବର୍ଷ ଧରି ବନ୍ଦ ରହିଥିବା ପ୍ରଥମ ପେଟ୍ରୋଲ ପମ୍ପ ପୁଣି ପୁନଃ ଆରମ୍ଭ ହେଲା





**କୋଟପାଡ଼,୩।୭ :** ଆଜି କୋଟପାଡ଼ ମହାବିଦ୍ୟାଳୟ ସାମ୍ନାରେ ଥିବା ଭାରତ ପେଟ୍ରୋଲ ପମ୍ପର ପୁନଃ ଆରମ୍ଭ ହୋଇଯାଇଛି, ପ୍ରାୟ ୬ବର୍ଷ ଧରି ବନ୍ଦ ରହିଥିବା ଏହି ପେଟ୍ରୋଲ ପମ୍ପ ଆଜିଠାରୁ ଜନସାଧାରଣଙ୍କ ସେବାରେ ପୁଣିଥରେ କାର୍ଯ୍ୟକ୍ଷମ ହୋଇଛି, ଏହି ପୁନଃ ଶୁଭଉଦ୍ଘାଟନୀ ଉତ୍ସବ କୁନ୍ଦୁରା ବ୍ଲକ ଜିଲ୍ଲା ପରିଷଦ ଉପସଭାପତି ଶ୍ରୀ ମୁନି ସାମନ୍ତରାୟ ପେଟ୍ରୋଲ ପମ୍ପ ଭାରତ ପେଟ୍ରୋଲିୟମ ଅଧିକାରୀଙ୍କ ନିର୍ଦ୍ଦେଶ ଓ ସର୍ବସମତି କ୍ରମେ ଚୟନ କରାଯାଇ ମୁନି ସାମନ୍ତରାୟଙ୍କୁ ହସ୍ତାନ୍ତର କରାଯାଇ ଆରମ୍ଭ କରିଥିବା ବେଳେ, ମୁଖ୍ୟ ଅତିଥି କୋଟପାଡ଼ ବିଧାୟକ ରୂପ ଭତ୍ରା,କଂଗ୍ରେସ ବିଧାୟକ ପ୍ରାର୍ଥୀ ଅନାମୁ ଦିଆନ, ପୂର୍ବତନ ବିଧାୟକ ଚନ୍ଦ୍ରଶେଖର ମାଝୀ,ଅଧ୍ୟକ୍ଷ ଏମ ଶଙ୍କର ରାଓ ଓ ସମସ୍ତ ଦଳୀୟ କର୍ମୀ ମାନଙ୍କ କର କମଳରେ ରିବନ କାଟି ଶୁଭ ଉଦଘାଟନ କରାଯାଇଥିଲା, ଅନ୍ୟ ମାନଙ୍କ ମଧ୍ୟରେ ବ୍ଲକ ଉପାଧ୍ୟକ୍ଷ ତପନ ପାଣିଗ୍ରାହୀ,ଜିଲ୍ଲା ପରିଷଦ ଗୀତା ମାଝୀ,ଓକିଲ ସଙ୍ଘ ସଭାପତି ମଣି ପଟ୍ଟନାୟକ,ରାମେଶ୍ୱର ଜେନା,ନରେନ୍ଦ୍ର ସ୍ୱାଇଁ, ପଙ୍କଜ ପାତ୍ର, ଗଣେଶ ପଣ୍ଡା,ବିରେନ ବିଶୋଇ, ଶଙ୍କର ପଣ୍ଡା,ଏମ ଡ଼ି ସଲିମ, ଆରିଫ ପଟେଲ, ପ୍ରସାଦ ବିଡ଼ିକା, ସନାତନ ଦାସ,ଦ୍ରୁପତା ଭତରା ,ଗୋପାଲ ସିଂ ଲାଲ, ଶିବ ପଟ୍ଟନାୟକ, ତୋପନ ମହାପାତ୍ର, ଈଶ୍ୱର ମହାନ୍ତି, ହେମନ୍ତ ପାତ୍ର,ରଙ୍ଗନାଥ ହୋତା, ଅଜିତ ପଟ୍ଟନାୟକ, ତ୍ରିପତି ମହାନ୍ତି, ଅକ୍ଷୟ ସ୍ୱାଇଁଙ୍କ ସହିତ ସମସ୍ତ ବିଶିଷ୍ଟ ବ୍ୟକ୍ତି, ସ୍ଥାନୀୟ ଜନପ୍ରତିନିଧି ଓ ଭାରତ ମିଡ଼ିଆ ଆସସେସିୟନ ସଙ୍ଘର ସଭାପତି ଅଜୟ ମିଶ୍ରଙ୍କ ସହିତ ସମସ୍ତ ସାମ୍ବାଦିକ ବନ୍ଧୁମାନେ ଉପସ୍ଥିତ ଥିଲେ, ଏହି ପେଟ୍ରୋଲ ପମ୍ପ ପୁନର୍ବାର ଚାଲୁ ହେବା ଦ୍ୱାରା କୋଟପାଡ଼ ଅଞ୍ଚଳର ଚାଷୀ, ସମସ୍ତ ବାଇକ, କାର, ଟ୍ରକ ଆଦି ଯାନବାହାନ ମାଲିକ ମାନଙ୍କୁ ସମ୍ପୂର୍ଣ୍ଣ ସହଯୋଗ ମିଳିବ ।

Printed, Published, edited and owned by Ipsita Pati, Published from Plot no.214/A, Sahid Nagar, Bhubaneswar, Pin - 751007, Odisha and Printed at Ray Publications, Plot No-17, Rajarani Lewis Road, Bhubaneswar, Pin - 751014, Khurda, Odisha

Mob : +91 9692701007, 9438119777 | Email : pratishabda7@gmail.com | Website : www.pratishabda.com

Editor : Ipsita Pati
Executive Editor : Satyajit Mohapatra
Managing Editor : Jitendra Ku. Pati